ଯା ଦେବୀ ସର୍ବଭୂତେଷୁ.....

ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ରବିବାର ୨୬ ମାର୍ଚ୍ଚ ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 26 MARCH 2023

Vol.No. 34 ■ No. 80 ■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019

ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

ରାହୁଲଙ୍କ ରଣହୁଙ୍କାର : ସାଂସଦ ନଥିଲେ ବି କରିବି ସଂଘର୍ଷ

ନୂଆଦିଲ୍ଲୀ, ୨୫/୦୩ : କେରଳର ୱାୟାନାଡରୁ ଲୋକସଭା ସାଂସଦ ଭାବେ ଅଯୋଗ୍ୟ ହେବାର ଗୋଟିଏ ଦିନ ପରେ ଆଜି ସାମ୍ବାଦିକ ସମ୍ମିଳନୀ କରିଛନ୍ତି କଂଗ୍ରେସ ନେତା ରାହୁଲ ଗାନ୍ଧି । ଗଣମାଧ୍ୟମକୁ ସମ୍ବୋଧିତ କରି କଂଗ୍ରେସର ରାହୁଲ ଗାନ୍ଧି କହିଛନ୍ତି ଯେ, ସେ ଭୟଭୀତ ନୁହଁନ୍ତି । ନିଜ ପଦର ରଦ୍ଦ ଏବଂ ଜେଲଦଣ୍ଡାଦେଶକୁ ନେଇ ସେ ମଧ୍ୟ ବିଚଳିତ ନୁହନ୍ତି । ସେ କହିଛନ୍ତି ଯେ, "ମୁଁ ଭୟଭୀତ ନୁହେଁ ବା ଆଜୀବନ ଅଯୋଗ୍ୟ ହେବା କିମ୍ବା ଜେଲରେ ରହିବାକୁ ନେଇ ସେ ଖାତିର କରନ୍ତି ନାହିଁ। ମୁଁ ମୋର କାର୍ଯ୍ୟ ଜାରି ରଖିବି। ପ୍ରଧାନମନ୍ତ୍ରୀ ମୋଦି ଏବଂ ଆଦାନୀଙ୍କ ସମ୍ପର୍କ ଉପରେ ପ୍ରଶ୍ନ ଜାରି ରଖିବି। ମୁଁ ସତ୍ୟ ପାଇଁ ଲଢ଼େଇ ଜାରି ରଖିବି। ଯାହା ବର୍ତ୍ତମାନ ମୋର ମୁଖ୍ୟ ଲକ୍ଷ ପାଲଟିଥିବା ରାହୁଲ କହିଛନ୍ତି। ମୋର ପରବର୍ତ୍ତୀ ଭାଷଣକୁ ନେଇ ପ୍ରଧାନମନ୍ତ୍ରୀ ଭୟଭୀତ ଥିବାରୁ ମୁଁ ଅଯୋଗ୍ୟ ହୋଇଛି । ମୁଁ ତାଙ୍କ ଆଖିରେ ଏହା ଦେଖିଛି। ସେଥିପାଇଁ ଏକ ଡ୍ରାମାର ରୂପ ଦେଇ ମୋତେ ଅଯୋଗ୍ୟ ଘୋଷଣା କରାଯାଇଛି। ଆଦାନୀ ପ୍ରସଙ୍ଗରେ ନିଜକୁ ଲୁଚାଇବା ପାଇଁ ପାଇଁ ଏହା ଏକ ସମ୍ପୂର୍ଣ୍ଣ ନାଟକ ରଚନା କରାଯାଇଛି। ୨୦,୦୦୦ କୋଟି ଟଙ୍କା ଆଦାନି ସେଲ୍ କମ୍ପାନୀକୁ ଯାଇଛି। ଆଦାନି ମାମମଲାରେ ମିଳିତ ମିଳିତ ସଂସଦୀୟ କମିଟି ଅନୁସନ୍ଧାନ ପାଇଁ ବିରୋଧୀଙ୍କ ଦାବିକୁ ନେଇ ସେ କହିଛନ୍ତି ଯେ, ମୋର କାର୍ଯ୍ୟ ହେଉଛି ଦେଶର ଗଣତନ୍ତ୍ରକୁ ରକ୍ଷା କରିବା। ଅର୍ଥାତ୍ ଦେଶର ଅନୁଷ୍ଠାନକୁ ରକ୍ଷା କରିବା। ଗରିବଙ୍କ ସ୍ୱରକୁ ରକ୍ଷା କରିବା। ରାହୁଲ କହିଛନ୍ତି ଯେ, ସେ ସବରକର ନୁହଁନ୍ତି। କ୍ଷମା ମାଗିବାର ପ୍ରଶ୍ନ ଉଠୁନି। ଗାନ୍ଧି କାହାକୁ କ୍ଷମା ମାଗନ୍ତି ନାହିଁ। ମୁଁ ୱାୟନାଡର ଲୋକଙ୍କ ସହ ପରିବାର ଭଳି ସମ୍ପର୍କ ଗଢ଼ିଛି। ମୁଁ ୱାୟନାଡର ଲୋକଙ୍କୁ ଏକ ଚିଠି ଲେଖିବି ବୋଲି ସେ କହିଛନ୍ତି। ସୂଚନା ଅନୁଯାୟୀ, କଂଗ୍ରେସ ନେତା ରାହୁଲ ଗାନ୍ଧୀ ମାନହାନି ମାମଲାରେ ଦୋଷୀ ସାବ୍ୟସ୍ତ ହୋଇ ୨ ବର୍ଷ ଜେଲ ଦଣ୍ଡାଦେଶ ପାଇବାର ଗୋଟିଏ ଦିନ ପରେ ଶୁକ୍ରବାର ତାଙ୍କର ସଦସ୍ୟତା ପଦ ରଦ୍ଦ କରାଯାଇଛି। ଏହାକୁ ନେଇ ବିରୋଧୀ ବିରୋଧ କରୁଛନ୍ତି। ଏହି ସମୟରେ ରାହୁଲ ଗାନ୍ଧୀ ଶୁକ୍ରବାର ଏକ ଟୁଇଟ୍ କରିଛନ୍ତି। ସେ ଲେଖିଛନ୍ତି, ମୁଁ ଭାରତର ସ୍ୱର ପାଇଁ ଲଢେଇ କରୁଛି। ଏଥିପାଇଁ ସବୁ ପ୍ରକାରର ମୂଲ୍ୟ ଦେବାକୁ ମୁଁ ପ୍ରସ୍ତୁତ। ତେବେ ରାହୁଲଙ୍କ ଏମ୍ପି ପଦ ରଦ୍ଦ ହୋଇଥିଲେ ମଧ୍ୟ ଏଯାଏ ସେ ତାଙ୍କ ଟୁଇଟର ବାୟୋ ବଦଳାଇ ନାହାନ୍ତି।

ରାହୁଲ ଗାନ୍ଧିଙ୍କୁ ଅଭ୍ୟାସଗତ ମିଛୁଆ କହିଲା ବିଜେପି

ନୂଆଦିଲ୍ଲୀ, ୨୫/୦୩ : ଅପରାଧିକ ମାନହାନୀ ମାମଲାରେ ଦୋଷୀ ସାବ୍ୟସ୍ତ ହୋଇ ଲୋକସଭା ସଦ୍ୟ ପଦ ହରାଇଥିବା କଂଗ୍ରେସ ନେତା ରାହୁଲ ଗାନ୍ଧି ଆଜି ସାମ୍ବାଦିକ ସମ୍ମିଳନୀ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, କେନ୍ଦ୍ର ସରକାର ଓ ବିଜେପି ଉପରେ ବର୍ଷିଛନ୍ତି। ତାଙ୍କ ମୁହଁ ବନ୍ଦ କରିବା ପାଇଁ କେନ୍ଦ୍ର ସରକାର ଓ ବିଜେପି ଯେତେ ଉଦ୍ୟମ କଲେ ମଧ୍ୟ ସେ ଚୁପ ବସିବେ ନାହିଁ ବୋଲି କହିଛନ୍ତି। ତେବେ ତାଙ୍କର ଏପରି ବୟାନ ଉପରେ କଡ଼ା ଜବାବ ଦେଇଛି ବିଜେପି। ରାହୁଲ ଜଣେ ଅଭ୍ୟାସ ଗତ ମିଛୁଆ ବୋଲି ବିଜେପି ନେତା ରବି ଶଙ୍କର ପ୍ରସାଦ କହିଛନ୍ତି। ସେ କହିଛନ୍ତି, "ଆଜି ରାହୁଲ ଗାନ୍ଧି ପୁଣି ମିଛ କହିଛନ୍ତି। ସେ ଲଣ୍ଡନରେ କିଛି କହି ନଥିଲେ ବୋଲି ସଫେଇ ଦେଇଛନ୍ତି। ରାହୁଲ ଗାନ୍ଧି ଲଣ୍ଡନରେ କହିଥିଲେ ଯେ ଭାରତରେ ଗଣତନ୍ତ୍ର ଦୁର୍ବଳ ହେବାରେ ଲାଗିଛି ଓ ୟୁରୋପୀୟ ଦେଶ ଏହା ଉପରେ ଦୃଷ୍ଟି ଦେଉନାହାନ୍ତି। ରାହୁଲ ଗାନ୍ଧିଙ୍କ ପ୍ରକୃତି ହେଉଛି ମିଛ କହିବା। ରାହୁଲ ଗାନ୍ଧିଙ୍କ ସମସ୍ୟା ହେଲା ଦେଶ କଂଗ୍ରେସ ପାଇଁ ଭୋଟ କରୁନି। ଯଦି ସେ ଜାଣିଶୁଣି ଏପରି ପଛୁଆ ବର୍ଗର ଲୋକଙ୍କୁ ଅପମାନିତ କରିବେ, ତା'ହେଲେ ଭବିଷ୍ୟତରେ ମଧ୍ୟ କଂଗ୍ରେସ କୌଣସି ଭୋଟ ପାଇବ ନାହିଁ। ବିଜେପି ଏହି ପ୍ରସଙ୍ଗ ସମଗ୍ର ଦେଶରେ ଉଠାଇବ। ସେ ଦିଲ୍ଲୀରେ ସାମ୍ବାଦିକ ସମ୍ମିଳନୀ କଲେ। କିନ୍ତୁ ମୂଳ ପ୍ରସଙ୍ଗରେ କିଛି ବି କହିଲେ ନାହିଁ। ସେ ପୁଣିଥରେ ସମସ୍ତଙ୍କୁ ବିଭ୍ରାନ୍ତ କରିବାକୁ ଚେଷ୍ଟା କରିଛନ୍ତି। ସେ କହିଥିଲେ ଯେ ସବୁ ମୋଦି ▶▶ପୃଷ୍ଠା ୭

୨୭ ବର୍ଷରେ ଶୁଖିଯିବ ସିନ୍ଧୁ, ଗଙ୍ଗା, ବ୍ରହ୍ମପୁତ୍ର ! ୨୦୫୦ ସୁଦ୍ଧା ଲୋକଙ୍କୁ ମିଳିବ ନାହିଁ ପାଣି

ନୂଆଦିଲ୍ଲୀ, ୨୫/୦୩ : ହିମାଳୟରୁ ବାହାରିଥିବା ୩ ପ୍ରମୁଖ ନଦୀ ସିନ୍ଧୁ, ଗଙ୍ଗା, ବ୍ରହ୍ମପୁତ୍ର ନଦୀର ଜଳସ୍ତର ଦ୍ରୁତ ଗତିରେ ହ୍ରାସ ପାଉଛି । ଏଭଳି ସ୍ଥିତି ଲାଗିରହିଲେ ୨୦୫୦ ଯାଏ ୧୭୦ରୁ ୨୪୦ କୋଟି ଯାଏ ସହରର ଲୋକଙ୍କୁ ପାଣି ମିଳିବା ବନ୍ଦ ହୋଇଯିବ । ମିଳିତ ଜାତିସଂଘର ମହାସଚିବ ଆଣ୍ଟୋନିଓ ଗୁଟେରସ କିଛି ଏଭଳି ଚେତାବନୀ ଦେଇଛନ୍ତି । ବଢୁଥିବା ତାପମାତ୍ରା ଯୋଗୁ ହିମାଳୟର ଗ୍ଲାସିୟର ତରଳିବାରେ ଲାଗିଛି । ଏହାକୁ ନେଇ ସେ ଏହି ଚେତାବନୀ ଦେଇଛନ୍ତି । ଆଣ୍ଟୋନିଓ କହିଛନ୍ତି, ପୃଥିବୀରେ ଗ୍ଲାସିୟର ମଣିଷ ଜୀବନ ପାଇଁ ବେସ ଜରୁରୀ । ▶▶ପୃଷ୍ଠା ୭

କର୍ଣ୍ଣାଟକ କଂଗ୍ରେସର ଆଗୁଆ ପ୍ରସ୍ତୁତି, ନିର୍ବାଚନ ତାରିଖ ଘୋଷଣା ପୂର୍ବରୁ ଜାରିକଲା ପ୍ରାର୍ଥୀ ତାଲିକା

ନୂଆଦିଲ୍ଲୀ, ୨୫/୦୩ : କର୍ଣ୍ଣାଟକ ବିଧାନସଭା ନିର୍ବାଚନ ପାଇଁ କଂଗ୍ରେସ ପକ୍ଷରୁ ୧୨୪ ଜଣ ବିଧାୟକ ପ୍ରାର୍ଥୀଙ୍କ ତାଲିକା ଘୋଷଣା କରିଛି । ଘୋଷଣା ମୁତାବକ କର୍ଣ୍ଣାଟକ କଂଗ୍ରେସ ଅଧ୍ୟକ୍ଷ ଡି.କେ ଶିବକୁମାର କନକପୁରା ଆସନରୁ ନିର୍ବାଚନ ଲଢିବେ । ସେହିଭଳି ପୂର୍ବତନ ମୁଖ୍ୟମନ୍ତ୍ରୀ ସିଦ୍ଧରମୈହ ବରୁଣା ଆସନରୁ ନିର୍ବାଚନ ଲଢିବେ । ସିଦ୍ଧରମୈହ କୋଲାର ଆସନରୁ ନିର୍ବାଚନ ଲଢିବାକୁ ଚାହୁଁଥିବା ବେଳେ ତାଙ୍କୁ ତାଙ୍କ ପୁଅଙ୍କ ଆସନ ବରୁଣାରୁ ନିର୍ବାଚନ ଲଢିବାକୁ ଦଳ ନିଷ୍ପତ୍ତି ନେଇଛି । ସୂଚନା ଥାଉକି ନିର୍ବାଚନ ଆୟୋଗ ଏପର୍ଯ୍ୟନ୍ତ କର୍ଣ୍ଣାଟକ ବିଧାନସଭା ନିର୍ବାଚନ ନେଇ ତାରିଖ ଘୋଷଣା କରିନାହାଁନ୍ତି । ଗଣମାଧ୍ୟମ ରିପୋର୍ଟ ମୁତାବକ ରବିବାର କିମ୍ବା ଆସନ୍ତା ସପ୍ତାହରେ ନିର୍ବାଚନ ଆୟୋଗ କର୍ଣ୍ଣାଟକ ବିଧାନସଭା ନିର୍ବାଚନ ନେଇ ତାରିଖ ଘୋଷଣା କରିପାରନ୍ତି । ନିର୍ବାଚନ ତାରିଖ ଘୋଷଣା ହେବା ମାତ୍ରେ ରାଜ୍ୟରେ ଆଦର୍ଶ ଆଚାର ସଂହିତା ଲାଗୁ ହୋଇଯିବ । ଚଳିତ କର୍ଣ୍ଣାଟକ ବିଧାନସଭାର କାର୍ଯ୍ୟକାଳ ମେ'୨୪ ତାରିଖରେ ସମାପ୍ତ ହେବାକୁ ଯାଉଛି । ଏହି ସମୟ ମଧ୍ୟରେ ନିର୍ବାଚନ ଆୟୋଗଙ୍କୁ ୨୨୪ ଆସନ ବିଶିଷ୍ଟ କର୍ଣ୍ଣାଟକ ବିଧାନସଭା ନିର୍ବାଚନ ସମାପ୍ତ କରିବାକୁ ପଡିବ । ଡେକାନ ହେରାଲ୍ଡର ରିପୋର୍ଟ ମୁତାବକ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ତରଫରୁ ନିର୍ବାଚନ ତାରିଖ ଘୋଷଣା ନେଇ ଆବଶ୍ୟକ ପ୍ରସ୍ତୁତି ଶେଷ ହୋଇଛି । ସେପଟେ ନିର୍ବାଚନକୁ ଆଖି ଆଗରେ ରଖି ସମସ୍ତ ରାଜନୈତିକ ଦଳମାନେ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି । ହେଲେ ବିଜେପି ଏହି ପ୍ରସ୍ତୁତିରେ ଆଗୁଆ ରହିଛି । ଶନିବାର ଦିନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କର୍ଣ୍ଣାଟକ ଗସ୍ତ କରିଛନ୍ତି । ପ୍ରଧାନମନ୍ତ୍ରୀ ଚିକ୍କାବଲ୍ଲାପୁର, ବେଙ୍ଗାଲୁରୁ ଓ ଦାବଣଗେରେରେ ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମରେ ଭାଗ ନେଇଛନ୍ତି ।

ମହାନଦୀ ଟ୍ରିବ୍ୟୁନାଲକୁ ବୟକଟ ପାଇଁ ବିଜୟ ମହାପାତ୍ରଙ୍କ ଆହ୍ୱାନ

ଭୁବନେଶ୍ୱର, ୨୫/୦୩ (ନି.ପ୍ର): ମହାନଦୀ ଟ୍ରିବ୍ୟୁନାଲକୁ ନେଇ ଜୋର ଧରିଲା ରାଜନୀତି । ବରିଷ୍ଠ ନେତା ବିଜୟ ମହାପାତ୍ର କହିଛନ୍ତି, ହୀରାକୁଦରେ ପାଣି ସମସ୍ୟା ଉଦବେଗଜନକ । ହୀରକୁଦ ଇତିହାସରେ ଏମିତି ପ୍ରଥମଥର ସଙ୍କଟ ଦେଖାଦେଇଛି । ହୀରାକୁଦ ଜଳସ୍ତର ଏବେ ତଳସ୍ତରକୁ ଚାଲିଯିବ କେହି ଅନୁମାନ କରିନଥିବେ । ଜୁନ୍ ମାସରେ ହୀରାକୁଦ ଡେଡ୍ ଷ୍ଟୋରେଜକୁ ଆସିଯିବ । ଛତିଶଗଡ଼ ସରକାର କିଛି ପାଣି ଛାଡିଲେ କିଛି ସମାଧାନ ହୋଇପାରିବ । ଟ୍ରିବ୍ୟୁନାଲକୁ ଅପେକ୍ଷା ନକରି ଟ୍ରିବ୍ୟୁନାଲକୁ ବୟକଟ୍ କରିବା ପାଇଁ ସେ ଆହ୍ୱାନ ଦେଇଛନ୍ତି । ରାଜ୍ୟ ସରକାର ଯୁଦ୍ଧକାଳୀନ ଭିତିରେ ସମସ୍ୟାର ସମାଧାନ କରନ୍ତୁ ବୋଲି କହିଛନ୍ତି ବିଜୟ ମହାପାତ୍ର । ଏପ୍ରସଙ୍ଗରେ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର କହିଛନ୍ତି, ୨ ହଜାର ମସିହାରୁ ଗୃହରେ ମହାନଦୀ ପ୍ରସଙ୍ଗରେ ଆଲୋଚନା ହୋଇଆସୁଛି । ଗୃହରେ ଦୁଇ ଦୁଇଟି ଗୃହ କମିଟି ଗଠନ ହୋଇଛି । ଗୋଟିକରେ ମୁଖ୍ୟମନ୍ତ୍ରୀ ଓ ଅନ୍ୟଟିରେ ବାଚସ୍ପତି ଚେୟାରମ୍ୟାନ୍ ଅଛନ୍ତି । ଥରଟିଏ ବୈଠକ ଡାକିଛନ୍ତି କି ବୋଲି ପ୍ରଶ୍ନ କରିଛନ୍ତି । ବିରୋଧୀ ଦଳମାନଙ୍କୁ ବିଶ୍ୱାସକୁ ନିଆଯାଉନାହିଁ ବୋଲି କହିଛନ୍ତି ନରସିଂହ ମିଶ୍ର । ଏହି ପ୍ରସଙ୍ଗରେ ପ୍ରତିକ୍ରିୟା ରଖିଛନ୍ତି ବିଜେଡି ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ । ପଡୋଶୀ ରାଜ୍ୟ ଯେଉଁମାନେ ଆରମ୍ଭରୁ ଅଛନ୍ତି, ସେମାନେ କିଛି ପରିମାଣରେ ବାଧକ ସାଜିଛନ୍ତି । ପ୍ରକୃତି ଆମକୁ ଯେତିକି ଦେଉଛି, ପଡୋଶୀଙ୍କ ସହ କଳିନକରି ତପୂରନାସ୍ତି ଉଦ୍ୟମ କରିବା ଉଚିତ । ବ୍ରାହ୍ମଣୀ, ବୈତରଣୀ ପାଣି କେମିତି ବହିନଯାଉ ସେଥିପ୍ରତି ଧ୍ୟାନ ଦେବା ଆବଶ୍ୟକ ବୋଲି କହିଛନ୍ତି ସୌମ୍ୟରଞ୍ଜନ ପଟ୍ଟନାୟକ ।

ଏପ୍ରିଲରେ ଜାପାନ ଯିବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ

ଭୁବନେଶ୍ୱର, ୨୫/୦୩ (ନି.ପ୍ର): ଆସନ୍ତା ମାସ ପ୍ରଥମ ସପ୍ତାହରେ ଜାପାନ ଯାଇପାରନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ରାଜ୍ୟ ସରକାରଙ୍କ ମହତ୍ତ୍ୱାକାଂକ୍ଷୀ ପରିକଳ୍ପନା ମେକ୍ ଇନ୍ ଓଡ଼ିଶାକୁ ଆହୁରି ବ୍ୟାପକ କରିବା ଏବଂ ପୁଞ୍ଜି ନିବେଶକଙ୍କୁ ଆକର୍ଷିତ କରିବା ଲକ୍ଷ୍ୟରେ ମୁଖ୍ୟମନ୍ତ୍ରୀ ଜାପାନ ଯାଉଥିବା ସୂଚନା ମିଳିଛି । ତେବେ ଓଡ଼ିଶାରେ ପୁଞ୍ଜି ନିବେଶ ଓ ମେକ୍ ଇନ୍ ଓଡ଼ିଶା କନକ୍ଲେଭ୍ରୁ ନେଇ ବାରମ୍ବାର ପ୍ରଶ୍ନ ଉଠାଇ ଆସୁଛନ୍ତି ବିରୋଧୀ । ଓଡିଶାକୁ ଶିଳ୍ପହବରେ ପରିଣତ କରିବାକୁ ପୁଣି ବିଦେଶ ଯିବେ ନବୀନ ପଟ୍ଟନାୟକ । ଏପ୍ରିଲ ପ୍ରଥମ ସପ୍ତାହରେ ଜାପାନାର ଅନେକ ବଡ ବଡ ଶିଳ୍ପପତିଙ୍କୁ ଭେଟି ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି । ୨୦୨୨ ମେକ ଇନ ଓଡିଶା କାର୍ଯ୍ୟକ୍ରମରେ ଓଡିଶା ଭାଗ ନେଇଥିଲା । ଜାପାନ ସହ ଅନେକ କ୍ଷେତ୍ରରେ ଓଡିଶାର ବାଣିଜ୍ୟିକ ସମ୍ପର୍କ ଥିବାରୁ ଓଡିଶାରୁ ନିବେଶର ଏକ ବାତାବରଣ ସୃଷ୍ଟି ହୋଇପାରେ । ଏପରିକି ଭାରତରେ ଅବସ୍ଥାପିତ ଜାପାନ ରାଷ୍ଟ୍ରଦୂତ ମେକ ଇନ ଓଡିଶାରେ ସାମିଲ ହୋଇ ଓଡିଶାରେ ନିବେଶ କଥା କହିଛନ୍ତି । ଓଡିଶାର ପ୍ରତିନିଧି ମଣ୍ଡଳ ଜାପାନରେ ନିବେଶକଙ୍କୁ ପେଟ୍ରୋକେମିକାଲ୍ସ, ଖାଦ୍ୟ ପ୍ରକ୍ରିୟାକରଣ ପ୍ଲାଷ୍ଟିକ, ବୟନଶିଳ୍ପ ଓ ପର୍ଯ୍ୟଟନ ଭଳି କ୍ଷେତ୍ରରେ ଅଧିକ ଆକୃଷ୍ଟ କରିବାକୁ ଉଦ୍ୟମ କରିବେ । ନବୀନଙ୍କ ଗସ୍ତକୁ ନେଇ ବିଜେଡି ଉତ୍ସାହିତ ଥିବାବେଳେ ବିରୋଧୀ ବିଧାନସଭା ଅଧିବେଶନ ଚାଲିଥିବାବେଳେ ନବୀନଙ୍କ ବିଦେଶ ଗସ୍ତକୁ ନେଇ ବିରୋଧୀ ପ୍ରତିକ୍ରିୟା ରଖିଛନ୍ତି । ତେବେ ବହୁ ବ୍ୟବଧାନ ପରେ ନବୀନ ପଟ୍ଟନାୟକ ଗତବର୍ଷ ଇଟାଲୀ ସହ ଦୁବାଇ ଗସ୍ତରେ ଯାଇଥିଲେ । ଦୁବାଇରେ ବଡ ବଡ ଶିଳ୍ପପତିଙ୍କ ସହ ଆଲୋଚନା କରିଥିଲେ । ଏବେ ଦ୍ୱିତୀୟ ଥର ଲାଗି ବିଦେଶରେ ଶିଳ୍ପପତିଙ୍କୁ ଆକୃଷ୍ଟ କରିବା ପାଇଁ ଏକ ଉଚସ୍ତରୀୟ ପ୍ରତିନିଧି ଦଳ ବି ନବୀନଙ୍କ ସହ ଜାପାନ ଯିବେ ।

କନେଷ୍ଟବଳ ଇଣ୍ଟରଭ୍ୟୁ ବେଳେ ଅଘଟଣ : ଦୌଡ଼ ପ୍ରତିଯୋଗିତାରେ ଚାଲିଗଲା ପରୀକ୍ଷାର୍ଥୀଙ୍କ ଜୀବନ

ଭୁବନେଶ୍ୱର, ୨୫/୦୩ (ନି.ପ୍ର): ଇଚ୍ଛା ଥିଲା ସୈନିକ ହେବେ ଦେଶ ମାତୃକାର ସେବା କରିବେ । କିନ୍ତୁ ବହୁ ଚେଷ୍ଟା ପରେ ମଧ୍ୟ ସୈନିକ ପାଇଁ ମନୋନୀତ ହୋଇପାରିନଥିଲେ । ଶେଷରେ ପୋଲିସ ହେବାକୁ ମନ ବଳାଇଥିଲେ । କିନ୍ତୁ ତାହା ମଧ୍ୟ ଅଧୁରା ରହିଗଲା । ଆଉ ପୋଲିସ ହେବା ପାଇଁ ଇଣ୍ଟରଭ୍ୟୁ ଚାଲିଥିବା ବେଳେ ଚାଲିଗଲା ଜୀବନ । ଓଡ଼ିଶା ପୋଲିସ କନଷ୍ଟେବଳ ଇଣ୍ଟରଭ୍ୟୁ ବେଳେ ଅଘଟଣ । ଶାରୀରିକ ପରୀକ୍ଷା ବେଳେ ଚାଲିଗଲା ଜୀବନ । ଗଂଜାମ ଜିଲ୍ଲା ଛତ୍ରପୁରରେ ଘଟିଛି ଏଭଳି ଅଭାବନୀୟ ଘଟଣା । ଛତ୍ରପୁର ରିଜର୍ଭ ପୋଲିସ ପଡିଆ ଠାରେ ୧୬୦୦ ମିଟର ଦୌଡିବା ସମୟରେ ଖଲ୍ଲିକୋଟ ଶ୍ୟାମସୁନ୍ଦରପୁର ଗାଁର ଦିପ୍ତିରଞ୍ଜନ ଦାସ ହଠାତ୍ ଅଚେତ ହୋଇପଡ଼ି ମୃତ୍ୟୁବରଣ କରିଛନ୍ତି । ଦୀପ୍ତିଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ଛତ୍ରପୁର ମେଡ଼ିକାଲ ଏବଂ ପରେ ବ୍ରହ୍ମପୁର ଏମକେସିଜି ସ୍ଥାନାନ୍ତର କରାଯାଇଥିଲା । ତେବେ ବ୍ରହ୍ମପୁର ମେଡ଼ିକାଲରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଦୀର୍ଘ ବର୍ଷ ହେଲା ଏହି ଚାକିରି ପାଇଁ ଲିଖିତ ଓ ଶାରୀରିକ ପରୀକ୍ଷା ଦେଇଆସୁଥିଲେ ଦୀପ୍ତି । ୩ ବର୍ଷ ତଳେ ଡାକ ବିଭାଗରେ ପୋଷ୍ଟ ମାଷ୍ଟର ଭାବେ ନିଯୁକ୍ତି ପାଇଥିଲେ । ହେଲେ ପିଲାଦିନୁ ପୋଲିସ କିମ୍ବା ସୈନିକ ହେବାର ସ୍ୱପ୍ନ ତାଙ୍କୁ ଏହି ପରୀକ୍ଷା ଦେବା ପାଇଁ ବାଧ୍ୟ କରିଥିଲା । ଚଳିତ ବର୍ଷ କନଷ୍ଟେବଳ ଚାକିରି ପାଇଁ ସେ ଆବେଦନ କରିଥିଲେ । ଲିଖିତ ପରୀକ୍ଷାରେ ମଧ୍ୟ ଭଲ ନମ୍ବର ରଖିଥିଲେ । ହେଲେ ଶାରୀରିକ ପରୀକ୍ଷା ସମୟରେ ଘଟିଥିଲା ଏଭଳି ଅଘଟଣ । ଯାହା ସାରା ଗାଁ ଓ ପରିବାର ଲୋକଙ୍କୁ ସ୍ତବ୍ଧ କରିଦେଇଛି । ଦୀପ୍ତିଙ୍କୁ ହରାଇ କାନ୍ଦୁଛି ପୁରା ଗାଁ ଓ ସାଙ୍ଗ ସାଥୀ । ତେବେ ଅସମୟରେ ଦୀପ୍ତିଙ୍କ ମୃତ୍ୟୁ ଖବର ସାଙ୍ଗ, ସାଥୀ, ସାହି, ପଡ଼ିଶା ଲୋକଙ୍କୁ ଅବିଶ୍ୱାସ ଲାଗୁଛି ।

୪ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି

ଭୁବନେଶ୍ୱର, ୨୫/୦୩ (ନି.ପ୍ର): ପଶ୍ଚିମା ଝଡ ପ୍ରଭାବରେ ଆଗାମୀ ୨୪ ଘଂଟା ମଧ୍ୟରେ ରାଜ୍ୟର ୪ ଜିଲ୍ଲାରେ ଘଡଘଡି ବିଜୁଳି ସହ ବର୍ଷା ହେବାର ସମ୍ଭାବନା ଅଛି। ଏହି ଜିଲ୍ଲାଗୁଡିକ ହେଲା କୋରାପୁଟ , ରାୟଗଡା, ଗଜପତି ଓ ମୟୁରଭଂଜ। ଏହି ଜିଲ୍ଲାଗୁଡିକୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର। ପାଣିପାଗ କେନ୍ଦ୍ର ପକ୍ଷରୁ ଜାରି ସତର୍କ ସୂଚନା ଅନୁଯାୟୀ ଆସନ୍ତାକାଲି କେନ୍ଦୁଝର, ମୟୁରଭଂଜ, ଯାଜପୁର, ବାଲେଶ୍ୱର, ଭଦ୍ରକ, ଅନୁଗୁଳ, ଢେଙ୍କାନାଳ, ରାୟଗଡା, କନ୍ଧମାଳ, ଗଂଜାମ, ଗଜପତି, ନୟାଗଡ ଓ ଖୋର୍ଦ୍ଧା ଜିଲ୍ଲାରେ ଘଡଘଡି ବିଜୁଳ ବର୍ଷା ସହ ଘଂଟା ପ୍ରତି ୪୦ରୁ ୫୦ କିମି ବେଗରେ ପବନ ବହିବାର ସମ୍ଭାବନା ରହିଛି। ସେହିପରି ମୟୁରଭଂଜ, ବାଲେଶ୍ୱର, ଗଂଜାମ ଓ ଗଜପତି ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ କୁଆପଥର ବର୍ଷା ହୋଇପାରେ। ଏହା ବ୍ୟତୀତ କେନ୍ଦ୍ରାପଡା, କଟକ, ଜଗତସିଂହପୁର, ପୁରୀ, ସୁନ୍ଦରଗଡ, କଳାହାଣ୍ଡି, ମାଲକାନଗିରି ଓ କୋରାପୁଟ ଜିଲ୍ଲାର କିଛି ସ୍ଥାନରେ ଝଡ ବର୍ଷା ହୋଇପାରେ ବୋଲି ପୂର୍ବାନୁମାନ କରିଛି ପାଣିପାଗ ବିଭାଗ। ଏହି ସମସ୍ତ ଜିଲ୍ଲାଗୁଡିକୁ ଆସନ୍ତାକାଲି ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

ବ୍ଲକସ୍ତରୀୟ ପାଠ୍ୟ ଉପକରଣ ପଦର୍ଶନୀ ମେଳା ଅନୁଷ୍ଠିତ

ଗଂଜାମ, ୨୫/୦୩ (ନି.ପ୍ର): ଶେରଗଡ଼ ବ୍ଲକ ଅନ୍ତର୍ଗତ ଗୋବିନ୍ଦପୁର ଉଚ୍ଚ ବିଦ୍ୟାଳୟ ଠାରେ ବ୍ଲକ ସ୍ତରୀୟ ପାଠ୍ୟଉପକରଣ ପଦର୍ଶନୀ ମେଳା ଅନୁଷ୍ଠିତ ହୋଇଯାଇଛି । ଏହି ମେଳାକୁ ବ୍ଲକ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ପ୍ରଧାନ ଉଦଘାଟନ କରିଥିଲେ । ଏହି ମେଳାରେ ବ୍ଲକର ଶତାଧିକ ସ୍କୁଲ ଅଂଶଗ୍ରହଣ କରିଥିଲେ । ଏହି ମେଳାର ମୁଖ୍ୟ ଉଦେଶ୍ୟ ଶିକ୍ଷାଦାନ ର ଶରଳି କରଣ ନିମନ୍ତେ ଉପକରଣ ମାଧ୍ୟମରେ ପିଲାଙ୍କ ପାଖରେ ପହଂଚାଇବା ପାଇଁ ପ୍ରଚେଷ୍ଟା କରାଯାଇଛି । ଏହି ମେଳାରେ ଦୁଇଜଣ ପର୍ଯ୍ୟବେକ୍ଷକ ପ୍ରଫୁଲ୍ଲ ପଣ୍ଡା ଓ ଇନ୍ଦ୍ରମଣି ସ୍ୱାଇଁ ପର୍ଯ୍ୟବେକ୍ଷକତା କରି ବୃତ୍ତାନ୍ତ ନିଷ୍ପତି ଦେଇଥିଲେ । ଏହି ମେଳାରେ ମୌଳିକ ସଂଖ୍ୟାଜ୍ଞାନ ଉପକରଣରେ ତାକରଡ଼ା ଅପର ପ୍ରାଇମେରୀ ସ୍କୁଲ ଓ ଭାଷାଜ୍ଞାନ ଉପକରଣରେ ସୋଳାସଳା ପ୍ରୋଜେକ୍ଟ ଅପର ପ୍ରାଇମେରୀ ସ୍କୁଲ ଏବଂ ପାକିଡ଼ି ଅପର ପ୍ରାଇମେରୀ ସ୍କୁଲ ଉତିନ୍ନ ହୋଇ ଜିଲ୍ଲା ସ୍ତର ପାଇଁ ମନୋନୀତ ହୋଇଛନ୍ତି । ଏହି ମେଳାରେ ଗୋବିନ୍ଦପୁର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ ।

ଜୟପାଟଣା ଓକିଲ ସଂଘର ନୂତନ କର୍ମକର୍ତା

ମୁଖୀଗୁଡ଼ା, ୨୫/୦୩ (ନି.ପ୍ର): କଳାହାଣ୍ଡି ଜିଲ୍ଲା ଜୟପାଟଣା ଓକିଲ ସଂଘରନୂତନ କର୍ମକର୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି । ଆଇନଜୀବୀ ମନୋରଂଜନ ସଂ ସଭାପତି, ନିହାର ରଂଜନ ବେହେରା(ବାପି) ଉପସଭାପତି, ଅନ୍ତିମ ପାଢ଼ୀ ସମ୍ପାଦକ, ଜିତେନ୍ଦ୍ର ପଟେଲ ଯୁଗ୍ମସମ୍ପାଦକ, ସୌମ୍ୟ ରଂଜନ ହୋତା କୋଷାଧ୍ୟକ୍ଷ ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଛନ୍ତି । ବରିଷ୍ଠ ଆଇନଜୀବୀ ମଦନ ମୋହନ ପଣ୍ଡା, ଗୋକୁଳ ଚନ୍ଦ୍ର ପାଢ଼ୀ, ନିହାର ରଂଜନ ବେହେରା, ପ୍ରମୋଦ କୁମାର ପଣ୍ଡା, ମହେଶ ପଣ୍ଡା କାର୍ଯ୍ୟକାରୀ କମିଟି ସଦସ୍ୟ ନିର୍ବାଚିତ ହୋଇଛନ୍ତି । ଆଇନଜୀବୀ ସୌଦାମିନୀ ଦ୍ୱିବେଦୀ ନିର୍ବାଚନ ଅଧିକାରୀ ଦାଇତ୍ୱ ତୁଲାଇଥିଲେ ।

ଅନୁସୂଚିତ ଜାତି ମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ବୈଠକ

ଭୁବନେଶ୍ୱର , ୨୫/୦୩ (ନି.ପ୍ର): ଓଡିଶାରେ ଶାସକ ବିଜେଡି ଦଳିତଙ୍କ ଭୋଟରେ ଶାସନ କ୍ଷମତା ଅକ୍ତିଆର କରିଥିବାବେଳେ ଦଳିତଙ୍କ ବିକାଶ ପାଇଁ କୌଣସି ଆନ୍ତରିକତା ରଖୁନାହିଁ। ବରଂ ଦଳିତଙ୍କୁ ଶୋଷଣ କରି, ଦଳିତଙ୍କୁ ଧୋକା ଦେଇ ଶାସକ ବିଜେଡି ସାଂଘାତିକ ଅପରାଧ କରୁଛି ବୋଲି ମୋର୍ଚ୍ଚାର ରାଜ୍ୟ କାର୍ଯ୍ୟକାରିଣୀ ବୈଠକରେ ଯୋଗ ଦେବା ଅବସରରେ ବିଜେପି ଅନୁସୁଚିତ ଜାତି ମୋର୍ଚ୍ଚା ରାଷ୍ଟ୍ରୀୟ ସାଧାରଣ ସଂପାଦକ ସଂଜୟ ନିର୍ମଳ କ୍ଷୋଭ ପ୍ରକାଶ କରି କହିଛନ୍ତି ।

ଦେଶର ଅନ୍ୟ ରାଜ୍ୟମାନେ ଅନୁସୁଚିତ ଜାତି କମିଶନ ଗଠନ କରିସାରିଥିବାବେଳେ ଅଦ୍ୟାବଧି ରାଜ୍ୟରେ ଅନୁସୁଚିତ ଜାତି କମିଶନ ଗଠନ କରାନଯିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଏହା ବିଜେଡିର ଦଳିତ ବିରୋଧୀ ମନୋଭାବର ପରିଚୟ ବୋଲି ଅନୁସୂଚିତ ଜାତିମୋର୍ଚ୍ଚା ରାଜ୍ୟ ସଭାପତି ଡ. ବିଭୁ ତରାଇ କହିଛନ୍ତି । ଓଡିଶା ରାଜ୍ୟର ସମୁଦାୟ ଜନସଂଖ୍ୟାର ପ୍ରାୟ କୋଡିଏ ପ୍ରତିଶତ ଅନୁସୂଚିତ ଜାତି ବର୍ଗର । ଭାରତୀୟ ସମ୍ବିଧାନ ଅନୁସୂଚିତ ଜାତି ବର୍ଗଙ୍କୁ ସମାଜରେ ସେମାନଙ୍କ ଅଧିକାରକୁ ନେଇ ବିଭିନ୍ନ ଧାରାରେ ତାଙ୍କ ପାଇଁ ଶିକ୍ଷା, ନିଯୁକ୍ତି ଓ ରାଜନୈତିକ କ୍ଷେତ୍ରରେ ସଂରକ୍ଷଣ ଦେବା ପାଇଁ ବିଭିନ୍ନ ଅବସର ସୃଷ୍ଟି କରିଛନ୍ତି । ରାଜ୍ୟରେ କୌଣସି ଗୋଟିଏ କ୍ଷେତ୍ରରେ ଏହି ସଂରକ୍ଷଣର ଶତ ପ୍ରତିଶତ ସୁବିଧା ସୁଯୋଗ ଅନୁସୂଚିତ ବର୍ଗକୁ ଦିଆଯାଇନାହିଁ । ରାଜ୍ୟରେ ଅନୁସୂଚିତ ଜାତି ବର୍ଗର ବିକାଶ ଓ ସମସ୍ୟା ସମାଧାନ ନିମନ୍ତେ ରାଜ୍ୟ ସରକାରଙ୍କ ଏସସି ଆଡଭାଇଜରି କମିଟିର ବୈଠକ ଆଦୌ ବସୁନାହିଁ । କିନ୍ତୁ ଦଳିତମାନେ ଅଭିଯୋଗ କରୁଥିଲେ ମଧ୍ୟ ପୁଲିସ ଏଫଆଇଆର ଗ୍ରହଣ କରୁନାହାଁନ୍ତି କିମ୍ବା ଗ୍ରହଣ କଲେ ମଧ୍ୟ ତଦନ୍ତ କରୁନାହାନ୍ତି । ଚାର୍ଜ ସିଟ୍ ମଧ୍ୟ କରୁନାହାନ୍ତି । ଥାନାରେ ବୁଝାମଣା କରି ଅଭିଯୁକ୍ତମାନଙ୍କୁ ଛାଡି ଦେଉଛନ୍ତି ବୋଲି ରାଜ୍ୟ ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି । ଅନୁସୂଚିତ ଜାତି ବର୍ଗର ପ୍ରାଣକର୍ତା ବାବାସାହେବ ଡ଼ଃ. ଆମେଦକରଙ୍କୁ ସମ୍ମାନ ଓ ତାଙ୍କର ସ୍ମୃତିକୁ ଉଜ୍ଜୀବିତ କରି ରଖିବା ପାଇଁ ଫଂଚତୀର୍ଥ ପ୍ରତିଷ୍ଠା, ଆମ୍ବେଦକର ଇଂଟରନ୍ୟାସନାଲ ସେଂଟର ପ୍ରଭୃତି ମୋଦି ସରକାରଙ୍କର ବୈପ୍ଳବିକ ପଦକ୍ଷେପ ବୋଲି ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ଦିଲୀପ ମଲ୍ଲିକ କହିଛନ୍ତି ।

ଜମି ମାଫିଆମାନେ ଦଳିତ ମାନଙ୍କ ଜମି ଜଣେ ଜଣେ ଦଳିତଙ୍କ ନାମରେ କିଣି ବିଭିନ୍ନ ପ୍ରକଳ୍ପ କରୁଛନ୍ତି ଓ ସମୟକ୍ରମେ ରାଜ୍ୟ ଅଧିକାରୀମାନଙ୍କୁ ପ୍ରଭାବିତ କରି ଅନ୍ୟ ନାମକୁ ହସ୍ତାନ୍ତର କରୁଛନ୍ତି । ଏହି ଷଡଯନ୍ତ୍ର ପ୍ରକ୍ରିୟାରେ ଦଳିତମାନେ ଜମି ହରାଉଛନ୍ତି । ରାଜ୍ୟ ସରକାରଙ୍କ ପ୍ରୋତ୍ସାହନରେ ଏଭଳି ଜମି ମାଫିଆ ମାନେ ବେଧଡକଭାବେ ସହରାଂଚଳର ଦଳିତମାନଙ୍କ ଜମିକୁ ହଡପ କରୁଛନ୍ତି । ଏପରିକି ଅନେକ ଜମି ହରାଇ ଭିକ୍ଷାବୃତି ଅବଲମ୍ବନ କରୁଛନ୍ତି ବା ଦାଦନ ଖଟିବାକୁ ରାଜ୍ୟ ବାହାରକୁ ଯାଉଛନ୍ତି । ତେଣୁ ରାଜ୍ୟ ସରକାରଙ୍କ ଉଦାସୀନତା ଓ ଦଳିତ ବିରୋଧୀ ନୀତିର ଆମେ ଦୃଢ ନିନ୍ଦା କରୁଛୁ ଓ ରାଜ୍ୟ ସରକାର ତୁରନ୍ତ ଏଭଳି ଷଡଯନ୍ତ୍ରକୁ ରୋକିବାକୁ ଉଦ୍ୟମ କରନ୍ତୁ ବୋଲି ଆଜିର ରାଜ୍ୟ କାର୍ଯ୍ୟକାରିଣୀରେ ରାଜନୈତିକ ପ୍ରସ୍ତାବରେ ବିଧାୟକ ଡ. ମୁକେଶ ମହାଲିଙ୍ଗ ଆଗତ କରିଛନ୍ତି । ମୋର୍ଚ୍ଚା ରାଜ୍ୟ ସାଧାରଣ ସଂପାଦକ ତଥା ବିଧାୟକ ଡ.ମୁକେଶ ମହାଲିଙ୍ଗ ରାଜନୈତିକ ଚିଠା ଉପସ୍ଥାପନା କରିଥିବାବେଳେ ମୋର୍ଚ୍ଚା ରାଜ୍ୟ ଉପସଭାପତି ତଥା ବିଧାୟକ ସନାତନ ବିଜୁଳି ଏବଂ ବିଧାୟକ ସୂର୍ଯ୍ୟବଂଶୀ ସୂରଜ ଚିଠା ପ୍ରସ୍ତାବ ସଂକଳନ କରିଥିଲେ ।

ଆଜି ରାଜ୍ୟ କାର୍ଯ୍ୟାଳୟରେ ରାଜ୍ୟ ବିଜେପି ଅନୁସୁଚୀତ ଜାତି ମୋର୍ଚ୍ଚାର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ମୋର୍ଚ୍ଚାର ରାଜ୍ୟ ସଭାପତି ପୂର୍ବତନ ସାଂସଦ ବିଭୁ ତରାଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଜିର ଏହି କାର୍ଯ୍ୟକାରିଣୀ ବୈଠକରେ ମୋର୍ଚ୍ଚାର ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ୍ରୀ ସଂଜୟ ନିର୍ମଳ ପ୍ରମୁଖ ଉପସ୍ଥିତ ରହି ଦଳୀୟ ସଂଗଠନରେ ମୋର୍ଚ୍ଚାର ଭୂମିକା ଉପରେ ବିସ୍ତୃତ ଆଲୋଚନା କରିଥିଲେ ।

ଯୁବକର ରକ୍ତାକ୍ତ ଶବ ଉଦ୍ଧାର: ହତ୍ୟା ଅଭିଯୋଗ କଲେ ପରିବାର ଲୋକେ

କନ୍ଧମାଳ, ୨୫/୦୩ (ନି.ପ୍ର): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ଥାନା ନୂଆପଡା ଗାଁ ନିକଟରେ ଗୁରୁବାର ଜଣେ ବ୍ୟକ୍ତି ଙ୍କ ରକ୍ତ ଜୁଡୁବୁଡୁ ମୃତ ଦେହ ପୋଲିସ ଉଦ୍ଧାର କରିଛି । ମୃତକ ଜଣକ ଫିରିଙ୍ଗିଆ ଥାନା ଗୋପିପଦର ଗାଁର ଜନେକ ମଳିକ ବୋଲି ଜଣାପଡିଛି । ତେବେ ପାରିପାର୍ଶ୍ୱିକ ପରିସ୍ଥିତି ରୁ ତାଙ୍କୁ ହତ୍ୟା କରି ଦୁର୍ବୃତମାନେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ରାସ୍ତା ମଝିରେ ପକେଇ ଦେଇ ଚାଲିଯାଇଥିବା ଜଣାପଡିଛି । ତେବେ ମୃତ ଜନେକ ମଳିକ ବୁଧବାର ଦିନ ସନ୍ଧ୍ୟା ସମୟରେ ପ୍ରତ୍ୟେକ ଦିନ ପରି ବୁଲିବାକୁ ଯାଇଥିଲେ । ବିଳମ୍ବିତ ରାତି ପର୍ଯ୍ୟନ୍ତ ଘରକୁ ନାଫେରିବାରୁ ତାଙ୍କ ପରିବାର ଲୋକେ ବହୁ ଖୋଜା ଖୋଜି କଲାପରେ ମଧ୍ୟ ତାଙ୍କୁ ପାଇନଥିଲେ । ପରେ ଗୁରୁବାର ସକାଳୁ ତାଙ୍କରି ଗାଁ ଠାରୁ ନୂଆପଡା ଗାଁ କୁ ସଂଯୋଗ କରୁଥିବା ରାସ୍ତା ମାଝୀରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ମାରିପଡ଼ିଥିବା ଗାଁ ର କିଛି ଲୋକ ଦେଖି ପ୍ରଥମେ ତାଙ୍କ ପରିବାର ଓ ପରେ ପୋଲିସକୁ ଖବର ଦେଇଥିଲେ । ଖବର ପାଇଁ ଫିରିଙ୍ଗିଆ ଥାନା ଅଧିକାରୀ ତପନ କୁମାର ନାହାକ, ଫୁଲବାଣୀ ସଦର ଏସ୍ଡିପିଓ ସୁପ୍ରସନ୍ନ ମଳିକଙ୍କ ସହ ସାଇଂଟିଫିକ ଟିମ୍ ଘଟଣା ସ୍ଥଳରେ ପହଂଚି ତଦନ୍ତ ଆରମ୍ଭ କରିବା ସହ ଶବ ଜବତ କରି ଫୁଲବାଣୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ବ୍ୟବାଚ୍ଛେଦ ପାଇଁ ପଠାଇଛି । ଘଟଣା ସ୍ଥଳରୁ ପୋଲିସ ହତ୍ୟା ରେ ବ୍ୟବହୃତ ଦୁଇଟି ରକ୍ତ ଲଗା ପଥରକୁ ମଧ୍ୟ ଜବତ କରିଥିବା ବେଳେ ପାରିପାର୍ଶ୍ୱିକ ପରିସ୍ଥିତିରୁ ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ପୋଲିସ ସୂଚନା ଦେଇଛି । ଘଟଣାକୁ ନେଇ ମୃତକଙ୍କ ସ୍ତ୍ରୀ ଥାନାରେ ତାଙ୍କ ସ୍ୱାମୀଙ୍କୁ ହତ୍ୟା କରାଯାଇଥିବା ନେଇ ଏକ ଲିଖିତ ଏତଲା ମଧ୍ୟ ଦେଇଛନ୍ତି । ଅନ୍ୟପଟେ ପୂର୍ବ ଶତ୍ରୁତାକୁ ନେଇ ଏହି ହତ୍ୟା କାଣ୍ଡ ହୋଇଥିବା ପରିବାର ପକ୍ଷରୁ କୁହା ଯାଇ ଥିବା ବେଳେ ଗତ କିଛି ଦିନ ତଳେ ମୃତବ୍ୟକ୍ତି ଜଣକ ଗୁଣିଗାରେଡି କରୁଥିବା ସନ୍ଦେହ କରି ତାଙ୍କ ଗାଁ ର କିଛି ଲୋକ ତାଙ୍କୁ ନିସ୍ତୁକ ମାଡ ମାରିବା ସହ ଗାଁ ମଝିରେ ଜୋର ଜବରଦସ୍ତ ବିଷ୍ଠା ଖୁଆଇ ଥିବା ବେଳେ ଏହି ଘଟଣାକୁ ନେଇ ମୃତ ଜନେକ ମଳିକ ଓ ତାଙ୍କ ପରିବାର କୁ ଗାଁ ରେ ନିଆଁ ପାଣି ମଧ୍ୟ ବନ୍ଦ କରି ଦେଇଥିଲେ । ସେହି ଦିନଠାରୁ ଗ୍ରାମ ବାସୀ ଙ୍କ ଓ ମୃତ ବ୍ୟକ୍ତିଙ୍କ ପରିବାର ମଧ୍ୟରେ ଗଣ୍ଡଗୋଳ ଲାଗିରହିଥିଲା । ଅନ୍ୟପଟେ ଗାଁ ର କିଛି ଲୋକ ତାଙ୍କୁ ବାରମ୍ବାର ହତ୍ୟା ଧମକ ମଧ୍ୟ ଦେଇଆସୁଥିବା ମୃତକ ଙ୍କ ସ୍ତ୍ରୀ ଓ ତାଙ୍କ ପରିବାର ଲୋକ ବୟାନ ଦେଇଥିବା ବେଳେ ଗୁଣିଗାରେଡି କୁ କେନ୍ଦ୍ର କରି ଜନେକ ମଳିକଙ୍କୁ ହତ୍ୟା କରାଯାଇଥିବା ପରିବାର ପକ୍ଷରୁ ଅଭିଯୋଗ କରିଛନ୍ତି । ପୋଲିସ ମଧ୍ୟ ଏହି ଘଟଣା ରେ ଫିରିଙ୍ଗିଆ ଥାନାରେ ୪୯/୨୦୨୩ ରେ ଏକ ହତ୍ୟା ମାମଲା ରୁଜୁ କରି ଭିଭିନ୍ନ ଦିଗକୁ ନେଇ ତଦନ୍ତ ଜାରିରଖିଥିବା ବେଳେ ଶବ ବ୍ୟବାଚ୍ଛେଦ ରିପୋର୍ଟ ଓ ସର୍ଜମିନ ତଦନ୍ତ ହେବା ପରେ ହତ୍ୟା ର ଅସଲ କାରଣ ଜଣା ପଡିବ ଓ ଖୁବ ଶୀଘ୍ର ହତ୍ୟା ଅଭିଯୁକ୍ତ ମାନେ ଧରା ପଡିବେ ବୋଲି ଏସ୍ଡିପିଓ ସୁପ୍ରସନ୍ନ ମଲ୍ଲିକଙ୍କ ସହ ଫିରିଙ୍ଗିଆ ଥାନା ଅଧିକାରୀ ତପନ କୁମାର ନାହାକ ସୂଚନା ଦେଇଛନ୍ତି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କୁଶପୁତଳିକା ଦାହ କଲା କଂଗ୍ରେସ

ଭୁବନେଶ୍ୱର , ୨୫/୦୩ (ନି.ପ୍ର): ରାହୁଲ ଗାନ୍ଧୀଙ୍କ ସଦସ୍ୟତା ପଦ ରଦ୍ଦର ପ୍ରତିବାଦରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକଙ୍କ ଆହ୍ୱାନକ୍ରମେ ଶୁକ୍ରବାର ସଂଧ୍ୟାରେ ବହୁ କଂଗ୍ରେସ ନେତୃବର୍ଗ ଓ କର୍ମୀମାନେ ମାଷ୍ଟରକ୍ୟାଂଟିନ ଛକ ଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କୁଶପୁତଳିକା ଦାହ କରିବା ସହିତ ନାରାବାଜି କରିଥିଲେ । କଂଗ୍ରେସ ବିଧାୟକ ସୁରେଶ କୁମାର ରାଉତରାୟ ଓ ତାରା ପ୍ରସାଦ ବାହିନୀପତି ଗଣମାଧ୍ୟମକୁ ତାଙ୍କର ପ୍ରତିକ୍ରିୟା ପ୍ରକାଶ କରି କହିଥିଲେ ପ୍ରଥମଥର ପାଇଁ ଜଣେ ପ୍ରଧାନମନ୍ତ୍ରୀ ଭୟରେ ବିରୋଧିଙ୍କ ସ୍ୱରକୁ ଚାପିଦେବାପାଇଁ ଏଭଳି ପଦକ୍ଷେପ ନେଇଛନ୍ତି । ରାହୁଲ ଗାନ୍ଧୀଙ୍କ ସଦସ୍ୟତା ପଦ ରଦ୍ଦକୁ ପ୍ରତିବାଦ କରିବା ପାଇଁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ଆସନ୍ତା ଦିନରେ ଆହୁରି ଜୋରଦାର ଆନ୍ଦୋଳନ କରିବ ବୋଲି ସେମାନେ କହିଛନ୍ତି । ସେମାନେ କହିଛନ୍ତି ରାହୁଲ ଗାନ୍ଧୀ ଡରିଯିବାର ନେତା ନୁହନ୍ତି । ଭୟ ଦେଖାଇ ତାଙ୍କ ସ୍ୱରକୁ କେହି ଚାପି ପାରିବ ନାହିଁ। ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ତାଙ୍କ ସରକାର ପ୍ରଥମ ଥର ପାଇଁ ଭାରତ ବର୍ଷର ପାଲ୍ୟାମେଂଟକୁ ଦୀର୍ଘଦିନ ଧରି ଅଚଳ କରି ରଖିଲେ । ସଂସଦରେ ରାହୁଲ ଗାନ୍ଧୀ ଯେଉଁ ମୋଦି-ଆଦାନୀ ସମ୍ପର୍କିତ ଝଡ଼ ବୁହାଇଲେ ସେ ଝଡ଼କୁ ଭାରତୀୟ ଜନତାପାର୍ଟିର ସାଂସଦ ଏବଂ ଖୋଦ ପ୍ରଧାନମନ୍ତ୍ରୀ ସାମନା କରିବାର ସତ୍‌ସାହସ ଦେଖାଇ ପାରିଲେ ନାହିଁ। ଭାରତ ବର୍ଷର ବ୍ୟାଙ୍କମାନଙ୍କ ପାଖରୁ ହଜାର ହଜାର କୋଟି ଟଙ୍କା ଲୁଟ କରି ଆଜି ଲଳିତ ମୋଦି, ନିରବ ମୋଦି, ମେହୁଲ ଚୋକ୍ସି ଏସମସ୍ତେ ଦେଶଛାଡ଼ ପଳାୟନ କରିଛନ୍ତି । ଏହି ପ୍ରଶ୍ନ ଉତ୍‌ଥାପନ କରିବା ଜଣେ ରାଜନୈତିକ ନେତାର ପ୍ରଥମ ଏବଂ ଶେଷ କର୍ତବ୍ୟ। ରାହୁଲ ଗାନ୍ଧୀ ସତ୍ୟ ଓ ଅହିଂସା ପଥରେ ଚାଲିଛନ୍ତି ତାଙ୍କୁ କେହି ଡରାଇ ପାରିବ ନାହିଁ। ସେ ଭାରତବର୍ଷର ନିରବୀ ଯାଇଥିବା ଜନତାଙ୍କର ସ୍ୱର। ଗଣତନ୍ତ୍ର ଓ ଗଣତାନ୍ତ୍ରିକ ବ୍ୟବସ୍ଥାକୁ ଅତୁଟ ରଖିବା ପାଇଁ ରାହୁଲ ଗାନ୍ଧୀ ଓ କଂଗ୍ରେସ ଦଳ ସର୍ବୋପରି ବଧପରିକର। କଂଗ୍ରେସ ଦଳ ସଦସ୍ୟତା ପଦ ରଦ୍ଦ ଏବଂ ଯେଉଁ ଗୁଜୁରାଟ ସେସନ କୋର୍ଟ ସମ୍ମାନହାନୀ କେସରେ ଦଣ୍ଡାଦେଶ ଶୁଣାଇଛନ୍ତି ତାହା ବିରୋଧରେ କଂଗ୍ରେସ ଦଳ ଏକ ଆଇନଗତ ଲଢ଼େଇ ସହିତ ସାରା ଦେଶରେ ଯେଉଁ ପରିସ୍ଥିତି ସୃଷ୍ଟି ହୋଇଛି ତା ବିରୋଧରେ ଏକ ରାଜନୈତିକ ଲଢ଼େଇ ଲଢ଼ିବ।

ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ପୂର୍ବତନ ବିଧାୟକ ଶରତ ରାଉତ, ଲଲାଟେନ୍ଦୁ ମହାପାତ୍ର, ଶୁଭେନ୍ଦୁ ମହାନ୍ତି, ପ୍ରକାଶ ଜେନା, ଚିନ୍ମୟ ବେଉରିଆ, ରବିନ୍ଦ୍ର ସେଠୀ, ଶିବାନନ୍ଦ ରାୟ, ବିଶ୍ୱଜିତ ଦାଶ, ୟାସିର ନଓ୍ୱାଜ, ମନୋରଞ୍ଜନ ଦାଶ, ମାନସ ଆଚାର୍ଯ୍ୟ, ରଜତ ଚୌଧୁରୀ, ଶ୍ରୀନିବାସ ରାଉତରାୟ, ରାଜୀବ ପଟ୍ଟନାୟକ ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

ଅପ୍ରେଲ ୨୦ରୁ ୨୩ ସ୍କିଲ୍ଡ ଇନ୍ ଓଡିଶା କନକ୍ଲେଭ

ଭୁବନେଶ୍ୱର , ୨୫/୦୩ (ନି.ପ୍ର): ସ୍କିଲ୍ଡ ଇନ୍ ଓଡିଶା କନକ୍ଲେଭ-୨୦୨୩ ଆୟୋଜନ ପାଇଁ ଶୁକ୍ରବାର ମଂଚଶ୍ୱରସ୍ଥିତ ବିଶ୍ୱ ଦକ୍ଷତା କେନ୍ଦ୍ରଠାରେ ରାଜ୍ୟର ସମସ୍ତ ପ୍ରମୁଖ ସଚିବ ଏବଂ ସଚିବମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି ।

ବିଶ୍ୱ ଦକ୍ଷତା କେନ୍ଦ୍ରର ସିଇଓ ଶ୍ରୀମତୀ ଅଳକା ମିଶ୍ର ସମସ୍ତ ମାନ୍ୟଗଣ୍ୟ ଅତିଥିଙ୍କୁ ସ୍ୱାଗତ କରିବା ସହ ବିଶ୍ୱ ଦକ୍ଷତା କେନ୍ଦ୍ରର ଉଦ୍ଦେଶ୍ୟ ଏବଂ ପରିକଳ୍ପନା ସଂପର୍କରେ ଅତିଥିମାନଙ୍କୁ ଅବଗତ କରାଇଥିଲେ । ପରେ ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଉଷା ପାଢ଼ୀ ପିପିଟି ମାଧ୍ୟମରେ ଆସନ୍ତା ଅପ୍ରେଲ ୨୦ରୁ ୨୩ ତାରିଖ ପର୍ଯ୍ୟନ୍ତ କଳିଙ୍ଗ ଷ୍ଟାଡିୟମ ପରିସରରେ ଅନୁଷ୍ଠିତ ହେବାକୁ ଥିବା ସ୍କିଲ୍ଡ ଇନ୍ ଓଡିଶା କନକ୍ଲେଭ ଉପରେ ଏକ ପ୍ରାକ୍-ଉପସ୍ଥାପନା ପ୍ରଦାନ କରିଥିଲେ ।

ଓଡ଼ିଶା ଦକ୍ଷତା ବିକାଶ କର୍ତ୍ତୃପକ୍ଷ ତଥା ବିଶ୍ୱ ଦକ୍ଷତା କେନ୍ଦ୍ରର ଅଧ୍ୟକ୍ଷ ସୁବ୍ରତୋ ବାଗ୍‌ଚି ସ୍କିଲ୍ଡ ଇନ୍ ଓଡିଶାର ମିଶନ୍, ଭିଜନ୍ ଏବଂ ଉଦ୍ଦେଶ୍ୟ ଉପରେ ନିଜର ବକ୍ତବ୍ୟ ରଖି ସ୍କିଲ ଇକୋସିଷ୍ଟମର ପ୍ରତ୍ୟେକଟି ମୁଖ୍ୟ ଦିଗ ଉପରେ ଆଲୋକପାତ କରିଥିଲେ । ବିଦ୍ୟାଳୟ ସ୍ତରରେ ଛାତ୍ରମାନଙ୍କ ପାଇଁ କ୍ୟାରିୟର ପରାମର୍ଶ, ସରକାରୀ ତଥା ପଲିଟେକ୍ନିକରେ ଶିକ୍ଷାର ଗୁଣବତା ପରିବର୍ତନ, ବିଶ୍ୱସ୍ତରରେ ଉତ୍କର୍ଷ ହାସଲ କରିଥିବା ବିଶ୍ୱ ଦକ୍ଷତା କେନ୍ଦ୍ରର ଛାତ୍ରମାନଙ୍କ ସଫଳତାର କାହାଣୀ ଉପରେ ଆଲୋକପାତ କରି ସେମାନଙ୍କୁ ରୋଲ୍ ମଡେଲ୍ ରୂପେ ପ୍ରସ୍ତୁତ କରିବା, କୃଷି କ୍ଷେତ୍ରରେ ଦକ୍ଷତା ବିକାଶ (ୱାର୍ଲ୍ଡ ଏଗ୍ରି-ଟେକ୍ ସେଂଟର), ମିଶନ୍ ଶକ୍ତିର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନଙ୍କୁ ଦକ୍ଷ କରିବା ଏବଂ ସେମାନଙ୍କୁ ଉଦ୍ୟୋଗୀ ଦକ୍ଷତାରେ ସଶକ୍ତ କରିବା, ଓଡିଶା ସ୍କିଲ କନ୍‌କ୍ଲେଭ୍‌କୁ ବିଶ୍ୱସ୍ତରରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଭାବେ ଗଢ଼ିତୋଳିବାକୁ ଶ୍ରୀ ବାଗ୍‌ଚୀ ଆହ୍ୱାନ ଦେଇଥିଲେ । ରାଜ୍ୟର ୬ ଲକ୍ଷ ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଛାତ୍ରଙ୍କୁ ଦକ୍ଷତା ବିକାଶ କାର୍ଯ୍ୟକ୍ରମରେ ସାମିଲ କରିବା ସରକାରଙ୍କ ଉଦ୍ଦେଶ୍ୟ । ସେମାନଙ୍କୁ ବିଶ୍ୱସ୍ତରୀୟ ଦକ୍ଷତା ପ୍ରଦାନ କରି ପ୍ରତିଯୋଗିତାରେ ଭାଗନେବା ପାଇଁ ସକ୍ଷମ କରିବା, ସମସ୍ତ କ୍ଷେତ୍ର ଏବଂ ସ୍ରୋତ ମଧ୍ୟରେ ସ୍ୱଳ୍ପମିଆଦି ପାଠ୍ୟକ୍ରମର ପ୍ରଚଳନ, ଉଚ୍ଚମାନର ନିଯୁକ୍ତିଦାତାଙ୍କ ସହ ସହଯୋଗ କରିବା ଏବଂ ପାରମ୍ପରିକ ଦକ୍ଷତାକୁ ଅତିକ୍ରମ କରିବା ଆଦି କାର୍ଯ୍ୟକ୍ରମଗୁଡ଼ିକୁ ସଫଳ କରିବା ଦିଗରେ ଓଡ଼ିଶା ଦକ୍ଷତା ବିକାଶ କର୍ତ୍ତୃପକ୍ଷ ଦୃଢ଼ ଆଶାବାଦୀ ।

ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ଏହି ବୈଠକରେ ଅଧ୍ୟକ୍ଷତା କରିବା ସହ କହିଲେ ଯେ

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୨୬ ମାର୍ଚ୍ଚ ୨୦୨୩
email : rabibarachayan2015@gmail.com

ରବିବାର ଚୟନ

.....ସୁଚୟନ ସୁଚୟନ ସୁଚୟନ.....

କଥା, କବିତା, ସୃଜନର ସୁରମ୍ୟ ସମ୍ଭାର

ଧାରାବାହିକ : ଜୀବନାନୁଭୂତି

ମୋର୍ ପୂର୍ବ ସ୍ମୃତି କଥା



ବାଲେଶ୍ୱରରେ ପ୍ରଥମଥର ୧୯୧୫ ମସିହାରେ ତୃତୀୟଶ୍ରେଣୀ ମାଜିଷ୍ଟ୍ରେଟ ଓ ଦ୍ୱିତୀୟଥର ୧୯୩୧ ମସିହାରେ ଡେପୁଟି ମାଜିଷ୍ଟ୍ରେଟ ପଦରେ ଅବସ୍ଥାପିତ ହୋଇଥିବା ଭାରତଚନ୍ଦ୍ର ନାୟକଙ୍କ ରଚିତ 'ପୂର୍ବ ସ୍ମୃତିକଥା' ୧୯୬୬ରେ ପୁସ୍ତକ ଆକାରରେ ପ୍ରକାଶିତ ହୋଇ ତା' ପରବର୍ଷ ଓଡିଶା ସାହିତ୍ୟ ଏକାଡେମୀ ଦ୍ୱାରା ସମ୍ମାନିତ ହେବା ମନନଶୀଳ ପାଠକଙ୍କ ପାଇଁ ଆଣିଦେଇଥିଲା ଗୋଟେ ପ୍ରକାର ଆଶ୍ୱସ୍ତି । ଏହି ପୁସ୍ତକରେ ଅଛି ରାଜା ରାଜୁଡା ସମୟର ଇତିହାସ, ଅଛି ସାମାଜିକ ଚେତନା, ଅଛି ମଧ୍ୟ ଉଚ୍ଚାଙ୍ଗ ସାହିତ୍ୟ । ଆଜି ବି ଆମ ସମାଜରେ ନାରୀ ନିର୍ଯାତନାର ଚିତ୍ର ସର୍ବତ୍ର ଦେଖିବାକୁ ମିଳୁଥିବା ବେଳେ ସେ ସମୟରେ ନାରୀମାନଙ୍କ ପାଇଁ ସେ ଦେଖିଥିବା ସ୍ୱପ୍ନ, ସମ୍ବେଦନଶୀଳ ମନୋଭାବ, ନାରୀଶିକ୍ଷା ପ୍ରତି ତାଙ୍କର ପ୍ରେରଣା ତାଙ୍କୁ ସ୍ମରଣୀୟ କରି ରଖିଛି । ଶ୍ରୀଯୁକ୍ତ ନାୟକଙ୍କର 'ମୋର ପୂର୍ବ ସ୍ମୃତିକଥା' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...

ଭାଗ-୧୧୪

(ପୂର୍ବ ପ୍ରକାଶିତ ଉତ୍ତାରୁ...)

ନାଳଗୁଡ଼ିକ ଉପରେ ବିଛା ହୋଇଥିବା ପଥର ଫିଟାହୋଇ ସେ ସବୁ ଓ ଏ.ଆର୍.ପିସକାଶେ ଖୋଲା ହୋଇଥିବା ଖାତ ପାଇଁ ବ୍ୟବହାର ସକାଶେ ରଖାହୋଇଥିବା ଇଟାମାନ ସଡ଼କର ଉଭୟ ପାର୍ଶ୍ୱକୁ ଲଗାହୋଇ ଠିଆ କରାହୋଇଅଛି । ସହର ତମାମ ହରତାଳ । ଗୋଟିଏ ସୁଦ୍ଧା ଦୋକାନ, କି ହିନ୍ଦୁ, କି ମୁସଲମାନ, ଫିଟିନାହିଁ । ସଡ଼କ ପାଖରେ କେତେ ଜଳଖିଆ ଓ ପୋଡ଼ା ମକ୍କା ବିକ୍ରି ହେଉଥାଏ । ଆଜି ସେ ବଜାରର ଚିହ୍ନବର୍ଣ୍ଣ ନାହିଁ । ରିକ୍ସାଗାଡ଼ି ସଡ଼କରେ ଗୋଟିଏ ସୁଦ୍ଧା ନାହିଁ । ସହର ଭିତରେ ଏକାବେଳେ ପରିତ୍ୟକ୍ତ, ଶୂନ୍ୟ । ଯେଉଁ ଜଣ କେତେ ଲୋକ ବୁଲୁଥିଲେ ସେ ସମସ୍ତଙ୍କ ମୁଖରେ ସରକାର ଓ ଇଂରେଜଙ୍କ ପ୍ରତି ନିନ୍ଦାବାଦ ।

ଆଜିଠାରୁ ସ୍କୁଲ, କଲେଜ ସମସ୍ତ ମାସେ ପର୍ଯ୍ୟନ୍ତ ବନ୍ଦ ରହିବା ହୁକୁମ ବାହାରିଛି, ମଧ୍ୟ ଆଜିଠାରୁ ଫୌଜଦାରୀ କାର୍ଯ୍ୟବିଧି ଆଇନର ୧୪୪ ଦଫା ଅନୁସାରେ ସାଧାରଣ ସ୍ଥାନରେ ଚାରିଜଣରୁ ଅଧିକ ଲୋକ ଏକତ୍ର ରହିବା ସକାଶେ ନିଷେଧାଜ୍ଞା ଓ କର୍ଫ୍ୟୁ ଆଦେଶ ଜାରି କରାହୋଇଅଛି । କଲେଜ ପିଲାମାନଙ୍କୁ ସେମାନଙ୍କ ହଷ୍ଟେଲ ଛାଡ଼ି ଚାଲିଯିବା ସକାଶେ ହୁକୁମ ହୋଇଅଛି ଓ ସମସ୍ତେ ଇତସ୍ତତଃ ଚାଲିଯାଉଅଛନ୍ତି । ଶ୍ରୀମାନ୍ ରାଧାନାଥ ଆମ୍ଭମାନଙ୍କ ବସାରେ ଅଛନ୍ତି। ମେଡ଼ିକାଲ୍ କଲେଜର ଓଡ଼ିଆ ଛାତ୍ରୀଟି ଘରକୁ ଯିବାପାଇଁ ବ୍ୟସ୍ତ ହେଉଅଛି।

ଗୋଟିଏ ବାଇସାଇକେଲ୍ ମାଗି ନୟାଟୋଲି, କଦମକୁଆଁ ସଡ଼କ ଦେଇ ଏକ୍‌ଜିବିସନ୍ ରୋଡ଼ରେ ଥିବା ଡାକ୍ତର ଦୁଖନରାମଙ୍କ ଘର ପର୍ଯ୍ୟନ୍ତ ଗଲି । ଦେଖିଲି ନୟାଟୋଲି ଓ କଦମକୁଆଁର ଡାକଘରମାନ ପୋଡୁଛି । କଦମକୁଆଁ ପାଟଣାର ଅନେକ ଉଚ୍ଚପଦସ୍ଥ ସରକାରୀ ଅଫିସର, ଓକିଲ ଓ ଭଦ୍ରବ୍ୟକ୍ତିଙ୍କ ବସତି। ଏହି ଅଂଚଳରେ ସର୍ବତ୍ର ସଡ଼କମାନ କଟାଗଛ, ପଥର ଓ ଇଟା ଦ୍ୱାରା ବନ୍ଦ କରାହୋଇଅଛି। ଶୁଣିଲି ପାଟଣା ସହର ତମାମ ଏହି କାଣ୍ଡ। କେତେକ ଲୋକ ନିଶ୍ଚିନ୍ତ ହୋଇ ତାରଖମ୍ଭମାନ ଉପାଡୁଥିବା, ତାର କାଟୁଥିବା ଓ ସାନ ସାନ ପିଲାମାନେ ଏଥିରେ ଉତ୍ସାହ ସହକାରେ କାର୍ଯ୍ୟ କରୁଥିବା ଦେଖିଲି। ପାଟଣାରୁ ପ୍ରାୟ ତିନି ମାଇଲ୍ ଦୂରରେ ପାଟଣାସିଟି ଷ୍ଟେସନ୍ ପୋଡ଼ି ଯାଇଥିବା ଓ ସେଠାରେ ମାଲଗୋଦାମ ଓ ମାଲଗାଡ଼ିମାନଙ୍କରୁ ଯାବତୀୟ ମାଲ୍ ଲୁଟ୍ ହୋଇଥିବା ସମ୍ବାଦ ମଧ୍ୟ ମିଳିଛି ।

୧୪ ତାରିଖ ସକାଳେ ସଡ଼କ ଆଡ଼େ ବୁଲିବାକୁ ଯାଇ ଦେଖିଲି କେତେକ ସ୍ଥାନରେ ରାସ୍ତାଗୁଡ଼ିକ ପରିଷ୍କାର କରାହୋଇଛି । ଓ ଗୋଟାଏ ଗୋଟାଏ ରିକ୍ସା ଓ ଟମ୍‌ଟମ୍ ଚାଲୁଛି। ପ୍ରାୟ ସାତଟା ବେଳେ ଇଞ୍ଜିନିୟରିଂ କଲେଜ ହଷ୍ଟେଲକୁ ଯାଇ ଓଡ଼ିଆ ପିଲାଙ୍କୁ ଦେଖିଆସିଲି। ସମସ୍ତେ ଅଦ୍ଭୁତ ଭାବେ ଉତ୍ସାହାନ୍ୱିତ। କେତେକ ପିଲା କହିଲେ ସେମାନେ ମଫସଲକୁ ବିଦ୍ରୋହାତ୍ମକ କାର୍ଯ୍ୟ କରିବାକୁ ଯିବେ । ଆମ୍ଭମାନଙ୍କ ବସାଥିଲା ଇଞ୍ଜିନିୟରିଂ କଲେଜ ନିକଟସ୍ଥ ସଡ଼କରୁ ଯାଇଥିବା ଗୋଟିଏ ଗଳି ମଧ୍ୟରେ । ମୋର ସହଧର୍ମିଣୀ ପୀଡ଼ିତା। ଡାକ୍ତର ତ୍ରିଦିବନାଥ ବାନାର୍ଜୀ (ମେଡ଼ିକାଲ୍ କଲେଜର ପ୍ରିନ୍‌ସିପାଲ୍) ତାଙ୍କୁ ଦେଖିବାକୁ ଆସିବେ । ତାଙ୍କ ଅପେକ୍ଷାରେ ରହି ମୁଁ ସଡ଼କରେ ବୁଲୁଥିବା ସମୟରେ ଦେଖିଲି ମୋର ପରିଚିତ ଜଣେ ଓଡ଼ିଆ ଇଞ୍ଜିନିୟରିଂ କଲେଜର ଛାତ୍ର ଦୌଡ଼ି ଦୌଡ଼ି ଆସୁଅଛନ୍ତି। ତାଙ୍କ ପରିଧେୟ ମଧ୍ୟରେ କେବଳ ଖଣ୍ଡେ ଜଙ୍ଘିଆ, ଅଧାଗେଞ୍ଜି। ତାହା ଓଦା। ଦେହଯାକ କାଦୁଅ। ସେ କହିଲେ, ତାଙ୍କ ପଛରେ ପୋଲିସ ତାଙ୍କୁ ମାରିବାକୁ ଆସୁଛନ୍ତି। ସେ ଆମ୍ଭମାନଙ୍କ ବସା ଦେଖିଥିଲେ । ସେଠାକୁ ପଳାଇଯାଇ ରହିବାକୁ କହିଲି ଓ ଅଳ୍ପସମୟ ମଧ୍ୟରେ ସେ ସେଠାରୁ ଅଦୃଶ୍ୟ ହୋଇଗଲେ। ମୁଁ ପୂର୍ବାପେକ୍ଷା ଆହୁରି କ୍ଷିପ୍ରଗତିରେ ପଦଚାରଣ କରିବାକୁ ଲାଗିଲି । ଅଳ୍ପସମୟ ମଧ୍ୟରେ ଜଣ କେତେ ସଶସ୍ତ୍ର ପୋଲିସ କନେଷ୍ଟବଳ ଧାଇଁ ଧାଇଁ ଆସିଲେ ଓ ମୋତେ ପଚାରିଲେ (ହିନ୍ଦୀରେ), 'ସେହି ପିଲା କୁଆଡ଼େ ଗଲା ?' ମୁଁ କହିଲି, 'କେଉଁ ପିଲା' ? ସେମାନେ କହିଲେ, 'ଏହି ମାତ୍ର ଜଣେ ପିଲା ନଦୀର କୂଳକୁ ଉଠି ଏହିଆଡ଼କୁ ପଳାଇ ଆସିଲା। ଖଣ୍ଡେ ଜଙ୍ଘିଆ ଓ ଗେଞ୍ଜି ପିନ୍ଧିଛି। ସେ କେଉଁଆଡ଼କୁ ଗଲା ?' ଆଉ ସଙ୍ଗେ ସଙ୍ଗେ ମୋତେ ପଚାରିଲେ, 'ଆପଣ କିଏ' ? ମୁଁ କହିଲି, 'ମୁଁ ହାକିମ, ଡେପୁଟି ମାଜିଷ୍ଟ୍ରେଟ୍ ।' ସମସ୍ତେ ଅଭ୍ୟାସସିଦ୍ଧ ସଲାମ କରିପକାଇଲେ । ମୁଁ ଅନ୍ୟଏକ ଦିଗ ଦେଖାଇ 'ଏହି ଆଡ଼େ ପଳାଇଛି' ବୋଲି କହିଲି। ସେମାନେ ସେହିଆଡ଼େ ଦୌଡ଼ିଲେ। ବସାକୁ ଆସି ପ୍ରୋକ୍ତ ଛାତ୍ରକୁ ବାହାରକୁ ଦିନାକେତେ ନଯାଇ ଆମ୍ଭମାନଙ୍କ ବସାରେ ରହିବାକୁ କହିଲି। ସେଠାରୁ ଆଉ ତାଙ୍କୁ ଛାଡ଼ିଦେଲି ନାହିଁ । ତାଙ୍କ ମୁଖରୁ ଶୁଣିଲି ସେ ଇଂଜିନିୟରିଂ କଲେଜରେ ଝରକା ମଧ୍ୟଦେଇ ପିଚକାରି ଦ୍ୱାରା ସ୍ପିରିଟ୍ ସିଞ୍ଚି ତନ୍ମଧ୍ୟସ୍ଥ କାଗଜ, ଆସବାବପତ୍ରରେ ନିଆଁ ଲଗାଇ ନଦୀସ୍ରୋତରେ ପହଁରି ପହଁରି ଚାଲି ଆସିଛନ୍ତି। ମୋର ସମ୍ମୁଖରେ ଇଞ୍ଜିନିୟରିଂ କଲେଜର ଏକାଂଶ ପୋଡୁଅଛି। ଏହି କଲେଜରେ ପ୍ରାୟ ଆଠଶତ ଯୁଦ୍ଧ ସକାଶେ କାର୍ଯ୍ୟ କରୁଥିବା ଶିଳ୍ପୀ (**war technician**) ଜିନିଷ ପତ୍ର ତୟାର କରିବା ସକାଶେ ନିଯୁକ୍ତ ହୋଇରହିଥିଲେ । ସେମାନେ ସମସ୍ତେ କାର୍ଯ୍ୟ ଛାଡ଼ି ଚାଲିଯାଇଥିବା ଶୁଣିଲି । ଏମାନେ ସମସ୍ତେ ଆଦିବାସୀ : ସାନ୍ତାଳ, କୋହ୍ଲ ଓ ଅନେକ ଖ୍ରୀଷ୍ଟିୟାନ୍। ଏମାନେ ସୁଦ୍ଧା ସରକାର ବିରୋଧାପନ୍ନ ହୋଇଉଠିଅଛନ୍ତି । ଦଳଦଳ ହୋଇ କଲେଜରେ ଛାତ୍ରମାନେ ଗାଡ଼ି ପାଇବା ଆଶାରେ ରେଲ୍‌ଷ୍ଟେସନ୍ ଆଡ଼କୁ ଚାଲିଅଛନ୍ତି। ପାଟଣା ଜଙ୍କସନ୍ ଷ୍ଟେସନ୍ ସୈନ୍ୟମାନଙ୍କ ଦ୍ୱାରା ଶକ୍ତଭାବରେ ରକ୍ଷିତ ହୋଇଅଛି। ବିଗତ ୧୨ ତାରିଖରୁ ଅର୍ଥାତ୍ ଦୁଇଦିନ ପୂର୍ବେ, ଅତି ପ୍ରତ୍ୟୁଷରେ ହାଓଡ଼ାଭିମୁଖୀ ପଞ୍ଜାବମେଲ୍ ଆସି ପାଟଣା ଷ୍ଟେସନ୍‌ରେ ଛିଡ଼ାହୋଇ ରହିଅଛି। ସମ୍ବାଦ ମିଳିଲା ଯେ ଏହି ଗାଡ଼ି ଓ ତିନି ଚାରିଟା ଗାଡ଼ି ସେହିଦିନ କଲିକତା ଆଡ଼କୁ ଯିବ, ଏହି ଆଶାରେ ଛାତ୍ରମାନେ, ବିଶେଷତଃ ଓଡ଼ିଆଛାତ୍ରମାନେ, ଅଳ୍ପ ଅଳ୍ପ ଜିନିଷଧରି ଷ୍ଟେସନ୍ ଅଭିମୁଖରେ ଚାଲିଅଛନ୍ତି। ସହରରେ ଗୋରା ସୈନ୍ୟମାନେ ଭର୍ତ୍ତି ହୋଇଗଲେଣି। ସେମାନେ ସଡ଼କମାନଙ୍କ ଉପରେ ପଇଁତରା ଦେଉଅଛନ୍ତି। ବି.ଏନ୍. କଲେଜଠାରୁ ସଡ଼କରେ ଗୋରା ସୈନ୍ୟମାନେ ଜଗି ରହିଛନ୍ତି। ଏଆଡୁ ସେ ଆଡ଼କୁ କେହି ଯାଇପାରୁନାହାଁନ୍ତି ବା ସେ ଆଡୁ ଏଆଡ଼କୁ ଆସିପାରୁନାହାଁନ୍ତି। ବଡ଼ ଡାକଘର ଓ ଇମ୍ପେରିଆଲ୍ ବ୍ୟାଙ୍କ୍, ମେସିନ୍ ଗନ୍ (ବଡ଼ ବଡ଼ ଆଗ୍ନେୟାସ୍ତ୍ର) ସହ ଗୋରା ସୈନ୍ୟମାନଙ୍କ ଦ୍ୱାରା ସୁରକ୍ଷିତ ହୋଇଅଛି । ସେକ୍ରେଟାରୀଏଟ୍‌ରେ କାର୍ଯ୍ୟ କରୁଥିବା କର୍ମଚାରୀମାନଙ୍କୁ ସୁଦ୍ଧା ଚିହ୍ନେଟ କାଗଜ ନେଇଯିବାକୁ ହେଉଅଛି। ବିହାର ଗଭର୍ଣର୍ ୧୧ ତାରିଖରେ ଦିଲ୍ଲୀ ଯାଇଥିଲେ । ଜଣାଗଲା ୧୪ ତାରିଖରେ ବିମାନରେ ଫେରିଆସିଲେ ଓ ଚିଫ୍ ସେକ୍ରେଟାରୀ ଓ ବଡ଼ ବଡ଼ ଗୋରା ଅଫିସରମାନେ ଲାଟ୍‌ଭବନରେ ଆଶ୍ରୟ ନେଉଅଛନ୍ତି ।

ସେହିଦିନ ପ୍ରାୟ ୧୧ଟା ବେଳେ ମୁଁ ଶ୍ୟାମା ସକାଶେ ଔଷଧ ଦୋକାନରୁ ଗୋଟାଏ ଔଷଧ ଆଣିବା ପାଇଁ ଇଞ୍ଜିନିୟରିଂ କଲେଜ ହଷ୍ଟେଲ ସମ୍ମୁଖସ୍ଥ ସଡ଼କ ଦେଇ ଯାଉଅଛି । ସମ୍ମୁଖରେ ଅଳ୍ପଦୂରରେ ଦୁଇଗୋଟି ଲରୀ ଦେଖିଲି । ଗୋଟିକରେ ଗୋରା ସୈନ୍ୟ ଓ ଅପରଟିରେ ଦେଶୀ ପୋଲିସ ଭର୍ତ୍ତି ହୋଇଛନ୍ତି । ମୋ ପଛରୁ ଦୁଇଜଣ ଇଞ୍ଜିନିୟରିଂ କଲେଜର ଛାତ୍ର ଆସି ମୋ ହାତ ଧରି ମୋତେ ଫେରାଇନେଲେ। ସେମାନେ କହିଲେ ଯେ ସଡ଼କରେ ଯେ ଯାଉଛି ତାକୁ ଧରିନେଇ ଏମାନେ ସଡ଼କ ପରିଷ୍କାର କରାଉଅଛନ୍ତି ଓ ସେମାନଙ୍କୁ ଭୟଙ୍କର ପ୍ରହାର ମଧ୍ୟ କରାହେଉଅଛି । ସେମାନଙ୍କ ସହିତ ମୁଁ ଫେରିଲି ଓ ବାଟରେ କଳାହାଣ୍ଡି ଷ୍ଟେଟ୍‌ର ଇଞ୍ଜିନିୟରିଂ କଲେଜ ଛାତ୍ର ଭୁବନେଶ୍ୱର ବେହେରାଙ୍କୁ ଦେଖିଲି । ସେ କହିଲେ ପ୍ରୋକ୍ତ ବଙ୍ଗାଳୀ ଛାତ୍ରଦ୍ୱୟଙ୍କୁ, ମୋତେ ଫେରାଇ ନେବାପାଇଁ, ସେ ପଠାଇଥିଲେ ।

❤ (କ୍ରମଶଃ)

ମୋ ଗାଁ ଅଁଳାଡୁବା

ବିପିନ୍ କାନୁନ୍‌ଗୋ, ଗାଳ୍ପିକ

(ପୂର୍ବ ପ୍ରକାଶି ଉତ୍ତାରୁ)

ରାଇରଙ୍ଗପୁରର ଅଧା ବଜାର ତାଙ୍କରି ସମ୍ପତ୍ତି ଉପରେ ଛିଡା ହେଇଚି । ଏବେ କିନ୍ତୁ ଠାକୁରେ ଅର୍ଦ୍ଧ ଉପବାସରେ । ସବୁ ଥାଇ, ଫିକ୍ସ ଡିପୋଜିଟ୍‌ରେ କୋଟିଏରୁ ଟଙ୍କା ଥାଇ ସେ ନିର୍ଭର କରୁଛନ୍ତି ସରକାରଙ୍କ ବଜେଟ୍ ଅନୁଦାନକୁ । ତାଙ୍କ ସମ୍ପତ୍ତି ଚଳୁ ହେଇ ଗଲାଣି ।

ସଞ୍ଜବୁଡେ ବାରିପଟକୁ ସାଙ୍ଗମାନଙ୍କ ସହ ବୁଲିଗଲେ ଏପଟେ ଘନ ଅନ୍ଧାର ଘୋଟି ଆସିଲା ବେଳକୁ ପଶ୍ଚିମ ଆକାଶରେ ସକାଳର ଭ୍ରାନ୍ତି ଦେଖାଯାଏ । ପଶ୍ଚିମ ଆକାଶ ନାଲି ହେଇଯାଏ । ସୂର୍ଯ୍ୟ ଉଇଁଲା ଭଳି ମେଞ୍ଚା ମେଞ୍ଚା ଆଲୁଅ ବିଛୁରି ପଡେ ଆକାଶ ଛୁଉଁଥିବା ଦିଗ୍‌ବଳୟ ଉପରେ । ସତୁରୀ କିଲୋମିଟର (ସିଧା ରାସ୍ତା ଥିଲେ ଚାଳିଶ) ଦୂରରେ ଥିବା ଟାଟା ସହର ବିଜୁଳି ଆଲୁଅରେ ଝଲମଲ କରେ । ତାତିଲା ଲୁହାପିଣ୍ଡର ଜଳନ୍ତା ଖାଦ ଉଚ୍ଚରେ ଲାଇନ୍‌ରୁ ତଳକୁ ଖସୁଥାଏ । ତାରି ଆଲୁଅ ଏପଟର କଳା ମଚ ମଚ ଅନ୍ଧାର ରାତିରେ କାଳିମାକୁ ଚିରିପକାଏ । ରାଇରଙ୍ଗପୁର-ବାରିପଦା ମୁଖ୍ୟ ରାସ୍ତାରେ ଯୋଉଦିନ ସଞ୍ଜ କଟେ, କ୍ୱାର୍ଜ ମେଟାଲ୍‌ର ରାସ୍ତା ଉପରେ ଗଦା ହେଇଥିବା ଖଣ୍ଡ ଖଣ୍ଡ ମେଟାଲ୍ ଫୋପାଡିଲେ ଚିକ୍ ଚିକ୍ ଆଲୁଅ ସୃଷ୍ଟି କରି ଦୂରରୁ ଦୂରକୁ ଚାଲିଯାଏ । ଖରାଦିନେ ଚନ୍ଦନ ଶୀତଳ ପବନ ସଂଧ୍ୟାରେ ଆଡ୍‌ଡା ଜମାଏ । ସେତେବେଳେ ସମୟ ପିଲାଙ୍କ ପାଇଁ ପାଠ ପଢ, ସ୍କୁଲ ଯାଅ, ଖେଳ ବୁଲ, ସଂଧ୍ୟାରେ ନିତ୍ୟକର୍ମ ସାରି ଠାକୁରଙ୍କୁ ମୁଣ୍ଡିଆ ମାର, ଲଣ୍ଠନ ଆଲୁଅରେ ବହି ଧରି ବସ । ସେତେବେଳେ ଆସୁଥିଲା 'ସମାଜ' ଖବର କାଗଜ । ଟାଟା ପଟେ ବୁଲି ଆସି ପରଦିନ ପହଞ୍ଚ । ପଢାହୁଏ, ଦଶ ପଚିଶ ଲୋକ ରୁଣ୍ଡ ହେଇ ଶୁଣନ୍ତି । କାଁ ଭାଁ କାହାଘରେ ରେଡିଓଟିଏ ଥିଲା, ସମ୍ବାଦ ଶୁଣାଯାଉଥିଲା । ବୁଧବାର ରାତି ଆଠରେ ବିନାକା ଗୀତମାଳା ଶୁଣିବା ପାଇଁ ଜଣେ ବନ୍ଧୁଙ୍କ ଘରେ ଜମା ହଉଥିଲୁ ।

ଗାଁ ମୁଣ୍ଡରେ ପ୍ରଧାନ ଘର ପୋଖରୀ । ପୋଖରୀ ହୁଡାରେ ଦି'ଗଣ୍ଡା ଡେଙ୍ଗା ଶାଳଗଛ । ସକାଳୁ ସେଠିକି ଆସି ପହଞ୍ଚନ୍ତି ଦଶବାର କିଲୋମିଟର ଦୂର 'ସରଗଡା' ଅଞ୍ଚଳରୁ ଦାନ୍ତକାଠି, ଶାଳପତ୍ର ବୋଝ ମୁଣ୍ଡାଇ, ଭାର ବୋହି ଦଳ ଦଳ ଆଦିବାସୀ ସ୍ତ୍ରୀ ପୁରୁଷ । ପୋଖରୀରେ ଗାଧୋଇ ସାରି ହାଣ୍ଡିରେ ଆଣିଥିବା ପଖାଳ ସିଲ୍‌ଭର୍ ବେଲାରେ ବାଢନ୍ତି । ପତ୍ରଟିଏ ଲେଖାଁରେ ଲୁଣଲଙ୍କା ଚକଟି ତେରାଣୀ ଟିକିଏ ଦେଇ ରଖନ୍ତି । ଭାତ ଗୁଣ୍ଡାଏ ପାଟିକି ନେଇ ପତ୍ରରୁ ଟିକିଏ ଟିକିଏ ଚାଟନ୍ତି । ଏସବୁ ଅନେକ ଦିନ ଦେଖିଲା ପରେ ଥରେ ଭରସି ପଚାରିଦେଲି "ପତର୍‌ରେ କି ରଖିଚ ?" "ହେଁ.... । ବାବୁ ଆମେ ଭାତ୍‌କେ ଚୁକାଉଛଁ ।" ଅର୍ଥାତ୍ ଭାତକୁ ଠକୁଛନ୍ତି । ଭାତକୁ ଆଉ ଜଣା ନାହିଁ ତରକାରୀ ନାହିଁ ବୋଲି । ତେଣୁ ଗଣ୍ଡାଏ ପଖାଳ ପାଟିରେ ପୁରେଇ ଲୁଣ ଲଙ୍କା ତୋରାଣୀ ଚକଟା ପାଟିରେ ଦେଲେ ଭାତ ସାଙ୍ଗେ ସାଙ୍ଗେ ତଣ୍ଟି ଡେଇଁଯାଏ । କେତେ ନିରୀହ ଥିଲେ ଲୋକମାନେ ସେତେବେଳେ !

ଗାଁରେ ଥିଲା ଚାରୋଟି ସାହି । ତଳ ସାହି, ଉପର ସାହି, ବନ୍ଧ ସାହି, ମଠ ସାହି, ଏବେ ନୂଆ ସାହିଟିଏ ଯୋଡି ଯାଇଛି 'ବାଜ୍‌କାର୍ ସାହି' । ସାଧାରଣତଃ ଗାଁ ବାହାରୁ ଆସିଥିବା ଲୋକେ ଖାଲି ପଡିଥିବା ଗୋଟିଏ ବିରାଟ ପଡିଆକୁ କବ୍‌ଜା କରି ଘର କରିଛନ୍ତି । ଆମ ଘର ଆଗରେ ଦାଣ୍ଡ ଥିଲା । ଦି'ପଟେ ଧାଡି ଧାଡି ଘର। ମଝିରେ ଦାଣ୍ଡ । ବର୍ଷା ଅସରାଏ ଆସିଲେ ନାଳ ପାଲଟି ଯାଉଥିଲା ଗାଁ ଦାଣ୍ଡ । ବର୍ଷାଦିନେ ମଠ ପୋଖରୀରୁ ମାଛ ଚାଲି ଆସୁଥିଲେ ପୋଖରୀ ଉଛୁଳି ପଡିଲେ । କାଗଜଙ୍ଗା ଭାସୁଥିଲେ ଗୋଟି ଗୋଟି ହେଇ । ଘରେ ଘରେ ଗାଈ, ବଳଦ, ବାଛୁରୀ । ଛେଳି ମେଣ୍ଢା କୁକୁଡା ପଲ ନିର୍ଦ୍ଦିଷ୍ଟ ଶ୍ରେଣୀର ଲୋକଙ୍କ ଘରେ । ଗୋଧୂଳି ଲଗ୍ନ କ'ଣ ଜଣାପଡୁଥିଲା । ସକାଳ ସଞ୍ଜ ଦିଓଳି ମଠରୁ ଘଣ୍ଟା ଘଣ୍ଟା ଧ୍ୱନି ସଶବ୍ଦେ ଭାସି ଆସେ । ସଂଜବୁଡେ ଶଙ୍ଖ ହୁଳହୁଳି ଶବ୍ଦ ଯୋଡି ହେଇଯାଏ । ଏବେ ସ୍ୱପ୍ନ ପାଲଟିଯାଇଥିବା ସାଧବବୋହୂ ଡିଆସିଲି ଖୋଳରେ ପୂରେଇବାକୁ ରୀତିମତ ପ୍ରତିଯୋଗିତା ହୁଏ । ଚାରିପଟେ ସବୁଜ ପଡିଆ, ସବୁଜ ଧାନ କ୍ଷେତ ପବନରେ ଲହଡି ଭାଙ୍ଗୁଥାଏ । କାଠଚୂଲୀର ଧୂଆଁ ଅଳସ ଭାଙ୍ଗି ଉପରକୁ ଉଠେ । ଡାଲି ସନ୍ତୁଳାରେ ଛୁଙ୍କଟିଏ ପଡିଲେ ଆଖପାଖ ଲୋକ ଛିଙ୍କି ଛିଙ୍କି ବେଦମ୍ ହୁନ୍ତି । ଗାଁ ଦି'ପଟେ ନାଳ । ଅଳ୍ପ ଦୂରରେ ଖଡକାଇ ନଈ । ଏ ନାଁଟି କାଳେ ରାଇରଙ୍ଗପୁର ରଜାଙ୍କ ଗଡଖାଇରୁ ଆସିଛି । ଶୀତରାତିରେ ପେଟ୍ରୋମାକ୍ସ ଜାଳି, ଟାୟାର ଜାଳି ନଈରୁ ମାଛ ଧରାଯାଏ । ସେତେବେଳେ ମଣିଷମାନଙ୍କ ଭଳି ମାଛମାନେ ବି ସରଳ ବିଶ୍ୱାସୀ ଥିଲେ । ଆଲୁଅ ଦେଖିଲେ ଏକାଠି ରୁଣ୍ଡ ହୋଇ ଯାଉଥିଲେ । ସେତେବେଳର ବଜାରର ଅଧା ଥିଲା ଆମ ଗାଁ । ଗାଁ ମଝିରେ ଲମ୍ବିଯାଇଥିଲା ରେଳ ଲାଇନ୍ । ବାଦାମପାହାଡ, ସୁଲେଇପାଟ ଅଞ୍ଚଳରୁ ଲୁହା ପଥର ବୋହି ଅହରହ ମାଲଗାଡି ଚାଲିଥିଲା । କୋଇଲା ଚାଳିତ ଇଞ୍ଜିନ୍ । ମୁଠା ମୁଠା କଳାଧୂଆ ଫୋପାଡୁଥିଲା। ଗାଁକୁ ଆମର କିନ୍ତୁ କଳା କରିପାରୁନଥିଲା । ସବୁଜ ଗାଁ, ସଫା ହୃଦୟର ଲୋକେ । ଚୂଡା, ମୁଢି, ବୁଟ, ବାଦାମ ଭଜା, ଗାଁରେ ମିଳୁଥିଲା । ତେଲୀ ଘଣାପେଡା ସୋରିଷ ଆଉ ରାଶି ତେଲ ମୁଣ୍ଡେଇ ଆସୁଥିଲା । ବାରିରେ ବାରିରେ ପରିବା । ତଥାପି ପାଖ ଗାଁରୁ ଲୋକେ ଚାଉଳ, ପନିପରିବା, ମାଛ ବିକିବାକୁ ଆସୁଥିଲେ । ଗାଁରେ ବର୍ଷକେ ଥରେ ହରିବୋଲ, ଥରେ ଶୀତଳା ହଜା ହେଉଥିଲା । ମଠରେ ଉତ୍ସବ ଅବସରରେ ପାଲା, ଦାସକାଠିଆ ଦେଖିବା ପାଇଁ ଲୋକଙ୍କ ଗହଳି ଜମୁଥିଲା ।

ଏବେ ଆଉ ସେ ଗାଁ ନାହିଁ । ୫୦ ହଜାର ଲୋକଙ୍କ ସହର ରାଇରଙ୍ଗପୁର ଏନ୍.ଏ.ସି.ର ଯୋଡିଏ ୱାର୍ଡରେ ପଣିଣତ ହେଇଛି। ପଧାନ ଘର ପୋଖରୀ ଅଛି । ପାଣି ନାହିଁ । ଅଧା ପୋତି ହେଇ ପଡିଲାଣି । ଆପେ ଆପେ କିସମ ବଦଳିଗଲେ ଘର ବାରି ଜମି ଦରରେ ବିକ୍ରୀ ହେବ । ଗୋଟିଏ ହେଲେ ଶାଳ ଗଛ ନାହିଁ । ରାଜରାସ୍ତା କଡରେ ଗଛ ନାହିଁ । ଗାଁ ପିଚୁରାସ୍ତାରେ ପରିରତ ହେଇଛି । ଚାଳ ଘର ପ୍ରାୟ ନାହିଁ । ଲୋକଚରିତ୍ର ବଦଳି ଯାଇଛି । ଘରେଘରେ ପରିବାରରେ ଫାଟ, କନ୍ଦଳ । ଆଗ ସୌହାର୍ଦ୍ଦ୍ୟ ଆଉ ନାହିଁ । ଗାଁ ଲୋକେ ସହରୀ ପାଲଟି ଯାଇଛନ୍ତି । ଗାଁ ରୂପାନ୍ତରିତ ହେଇଚି ସହରରେ । (ସମାପ୍ତ)

ରାଇରଙ୍ଗପୁର-୭୫୭୦୪୩

ଆମ ସମୟର କବିତା.....

॥ ଜଣେ ନାରସିଷ୍ଟର ଗୀତ ॥

ହରିଶ୍ଚନ୍ଦ୍ର ବେହେରା

ପ୍ରତିଦିନ ସକାଳେ ଖୋଜେ
କେଉଁଠି ପଡ଼ିଛି ମୋର ପ୍ରତିବିମ୍ବ
ଖବର କାଗଜ ପୃଷ୍ଠା ପରେ
ପୃଷ୍ଠା ଲେଉଟାଏଁ
କେଉଁଠି ବାହାରିଛି କି ମୋ ଫୋଟୋ
ଛପା ଯାଇଛି କି ମୋ ନାଁ

କିଏ ଈର୍ଷାରେ ଘାରି ହେଉଛି ତ ହେଉ
ହେଇପାରେ ମୋ ଅହଂକାରର
ଦୁର୍ବଳ ଆତ୍ମ ପ୍ରସାଦ
ହେଇପାରେ ମୁଁ ଜଣେ ନାର୍ସିସିଷ୍ଟ
ଏଥିରେ କାହାର କ'ଣ ଭାସି ଯାଉ

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର, ରବିବାର, ୨୬ ମାର୍ଚ୍ଚ, ୨୦୨୩

ପ୍ରେମରେ ପ୍ରେମରେ ଗୀତି ....(୮୪)

■ ବିପିନ ମହାନ୍ତି



॥ କପାଳେ ଲେଖିଛି ବିହି ॥

ତୁମେ ତ ଜଳୁଛ ମୁଁ ତ ଜଳୁଛି
ଦୁହିଁଙ୍କ ଦହନ ଏକା,
ଯେଉଁ ଦହନରେ ମିଳନର ଗୀତି
ବିରହେ ହୋଇଛି ଲେଖା ।

ତୁମେ ନୀଳ କଇଁ ମୁଁ ଯେ ଦୂର ଚାନ୍ଦ
ଦୁହେଁ ତ ଦୁହିଁଙ୍କ ପାଇଁ,
ମିଳନରେ ଆମ ବିରହରେ ପ୍ରେମ
କପାଳେ ଲେଖିଛି ବିହି,
କପାଳେ ଲେଖିଛି ବିହି,
ଥିଲେ ଯେତେ ଦୂରେ ତୁମରି ପ୍ରୀତିରେ
ନିତି ହୁଏ ଆମ ଦେଖା ।

ଭସାମେଘକୁ ତ ଭରସା କରିକି
ମୟୂର ମେଲୁଛି ପୁଚ୍ଛ,
କାହା ପାଇଁ ପ୍ରେମ ମିଠା ଅନୁଭବ
କିଏ ବା ମଣିଛି ତୁଚ୍ଛ,
ପ୍ରେମରେ ବିରହ ଦହନ ନଥିଲେ
ମିଳନଟା ଲାଗେ ଫିକା ।

♥ ୩୩, ଗଡ ମହାବୀର ବିହାର, ଗ୍ୟାରେଜ ଛକ, ଭୁବନେଶ୍ୱର-୨
(ମୋ) ୯୮୬୧୧୪୪୯୯୧

ଆମେ ସମସ୍ତେ ବାବୁ

ସୁଧାଂଶୁ ଶେଖର ଦ୍ୱିବେଦୀ

ସମ୍ପନ୍ନ ସେହି ବର୍ଗ ଯେଉଁମାନଙ୍କଠାରେ ସବୁକିଛି ଉପଲବ୍ଧ । ଯାହାକି ମନୁଷ୍ୟ ପାଇଁ ଏକ ଅସମ୍ଭବ ବିଷୟ । ସତ କହିବାକୁ ଗଲେ ମନୁଷ୍ୟକୁ କଣ ଆବଶ୍ୟକ ? ପ୍ରତିଟି ପଦପାଦରେ ନିର୍ଣ୍ଣୟ ଲୋଡ଼ା । ପରନ୍ତୁ ସନ୍ତୁଷ୍ଟ ହେବା ହୃଦୟର ଅବସ୍ଥା ।

ବଡ଼ ବଡ଼ ରୋଗରେ ଆକ୍ରାନ୍ତ ହେଉଥିବା ମନୁଷ୍ୟମାନଙ୍କ ମଧ୍ୟରେ ଶତକଡ଼ା ୮୫ ଭାଗ ସମ୍ପନ୍ନ୍ନ୍ନ୍ନ୍ନ ହୋଇଥାଆନ୍ତି । ଚିନ୍ତା, ଅନିଦ୍ରା, ବ୍ଲଡ଼ ପ୍ରେସର, ଡାଇବେଟିସ, କେନ୍ସର, ହାର୍ଟ ଏଟାକ ଆଦି ସମ୍ପନ୍ନ ଲୋକଙ୍କ ତାଲିକା ଭୁକ୍ତ ।ଏଥିପାଇଁ ସମ୍ପନ୍ନ ସମୁଦାୟର ବୟସ ସୀମା ମଧ୍ୟ ଧୂର ଧୂର କମିଯାଉଛି ।ଖାଦ୍ୟ ଖାଇଲା ଭଳି ଅନବରତ ଔଷଧ ସେବନ କରି ଚାଲିଛନ୍ତି ।

ପ୍ରତ୍ୟକ ଲୋକ କିଛି ନା କିଛି ରୋଜଗାର କରୁଛି । ପ୍ରତିଦିନ ଲୋକ ଖାଉଛନ୍ତି,ଶୋଉଛନ୍ତି ଅନ୍ୟାନ୍ୟ ନିତ୍ୟ ବ୍ୟବହାର୍ଯ୍ୟ କାମ କରୁଛନ୍ତି । ଏବେ ସମସ୍ତେ ସ୍ୱାବଲମ୍ବୀ, ସ୍ୱାଭିମାନୀ ହେବାକୁ ଅଣ୍ଟାରେ ଗାମୁଛା ବାନ୍ଧି ଲାଇନ ଲଗେଇଛନ୍ତି । କାହା ନାଁ ଆଗେ ପଡିବ କେବଳ ଅପେକ୍ଷା ମାତ୍ର । ସମସ୍ତଙ୍କ ନିକଟରେ କୋଠା, ଗାଡି, ବ୍ୟାଙ୍କ-ବାଲାନ୍ସ, ଚାକର ଚାକରାଣୀ, ସ୍ତ୍ରୀ ପିଲାମାନଙ୍କ ମଧ୍ୟରେ ଭରପୁର ସଂସାର ତଥାପି ଘରେ କାହାର ଟିକେ କିଛି ହୋଇଗଲେ ଔଷଧ ଦରକାର । ଅନେକ କୁହନ୍ତି ଆଜିକାଲି ସବୁପ୍ରକାର ଖାଦ୍ୟ ପଦାର୍ଥରେ କେମିକାଲ ମିଶିବା ଫଳରେ ଶରୀରକୁ ପୌଷ୍ଟିକ ଆହାର ମିଳୁନାହିଁ । ଯଦି ଶରୀରରେ ଦମ ନାହିଁ ତାହେଲେ ପେଟ କଣପାଇଁ ବଢି ଯାଉଛି ?

ସମସ୍ତଙ୍କ ଜୀବନଶୈଳୀ ମଧ୍ୟ ବଡ଼ ବିଚିତ୍ର ହୋଇଯାଇଛି । ଦିନ ସାରା କାର୍ଯ୍ୟ ବ୍ୟସ୍ତତା ପରେ କ୍ଲବ,ପାର୍ଟି ଏଟେଣ୍ଡ କରିବା, ବିଳମ୍ବ ରାତିଯାଏ ଟିଭି ଦେଖିବା ଆଦି ଶରୀର ଓ ମସ୍ତିଷ୍କ ପାଇଁ ଉଚିତ ନୁହେଁ । ଶରୀର ଓ ମସ୍ତଷ୍କ ଆରାମ ନେବା ଲାଗି ୬ ଘଣ୍ଟା ନିଦ୍ରା ଜରୁରୀ ଆବଶ୍ୟକ ପଡିଥାଏ ।କିନ୍ତୁ ପ୍ରତି ବଦଳରେ ତାହା ଅନେକ ଙ୍କଠାରେ ହୋଇପାରୁ ନାହିଁ । କିଏ କିଏ ରାତିସାରା ମଧ୍ୟ ଉଜାଗର ରହି ମଜା ମସ୍ତିରେ ମସଗୁଲ ହେଉଛନ୍ତି । ଆଉ କେତେକ ରୋଜ ଗାର ଲୋଭରେ କାର୍ଯ୍ୟ ବ୍ୟସ୍ତତା ଭାବେ ରାତି ବିତେଇ ଦେଉଛନ୍ତି । ଯାହାଫଳରେ ମନରେ ଉତ୍ତେଜନା ବଢି ଯାଉଛି । ଉତ୍ତେଜନା ଦ୍ୱାରା ରକ୍ତଚାପ ବଢିଯାଉଛି । ଏ ଦୁଇଟି ସାଙ୍ଗ ହୋଇଗଲେ ବିଭିନ୍ନ ପ୍ରକାର ରୋଗକୁ ଜନ୍ମ ଦେଇଥାନ୍ତି ।

ବ୍ଲଡ଼ ପ୍ରେସର ଏବେ ୩୦ ବର୍ଷ ପରେ ନୁହେଁ ୧୫ ବର୍ଷରୁ ମଧ୍ୟ ଆରମ୍ଭ ହୋଇଯାଉଛି ।ସମର୍ଥ ସମାଜରେ ଏଭଳି ଭୟଙ୍କର ରୋଗ ଏତେ ଶୀଘ୍ର ବଢି ଚାଲିଛି ଯେ ପ୍ରଥମ ଏଟାକ ଘରେ ତାପର ଏଟାକ ହସ୍ପିଟାଲରେ ପୁଣି ଅସାବଧାନତା ହେଲେ ତୃତୀୟ ଏଟାକରେ ସିଧା ଶ୍ମଶାନ ।

ଏବେ ଟଙ୍କା ପାଇଁ ଜୀବନ ବାଜିରେ ଲାଗିଛି । ୫ ଲକ୍ଷ ବାଲାକୁ ୫୦ ଲକ୍ଷ ଦରକାର,୫୦ ଲକ୍ଷ ବାଲାକୁ କୋଟି କୋଟି ଟଙ୍କା ଦରକାର । ଆଉ ଆମ ଇଚ୍ଛା, କାମନା, ବାସନା, ମହତ୍ତ୍ୱାକାଂକ୍ଷାର କୌଣସି ସୀମା ନାହିଁ । ପିଢ଼ି ପରେ ପିଢ଼ି ବନ୍ଦୋବସ୍ତ କରି ରଖିଦେବାକୁ ଆମେ ଆଜି ପାଗଳ ପ୍ରାୟଃ ।

କାଲି କଲେଜର ପ୍ରଫେସର ସାଇକେଲ ଚଳାଉଥିଲେ ଆଜି ଚୌକିଦାରକୁ ହୋଣ୍ଡା ମୋଟର ସାଇକେଲ ଦରକାର । ନହେଲେ ସ୍ୱାଭିମାନରେ ଆଞ୍ଚ ଆସିବ । ଡାକ୍ତର ବାବୁ ଯଦି ସକାଳେ ସକାଳେ ମାର୍ନିଙ୍ଗ ୱାକ କରିବାକୁ ପରାମର୍ଶ ଦିଅନ୍ତି ତାପାଇଁ ୧୦୦୦ ଟଙ୍କା ହେଉ କି ୨୦୦୦ ହଜାର ଟଙ୍କାର ୱାକିଙ୍ଗ ଜୋତା ଦରକାର । କ୍ଷୀର ପେକେଟ, ପନିପରିବା, ସଉଦାପତ୍ର ହେଉ କି ଅନ୍ୟ କୌଣସି ଆବଶ୍ୟକ ଜିନିଷ ଆଣିବାକୁ ହେଉ ଆଉ କେହି ପାଦରେ ଚାଲି ଚାଲି ଯିବାକୁ ପସନ୍ଦ କରୁ ନାହାନ୍ତି । ସମସ୍ତଙ୍କର ଗାଡି ଦରକାର ।ସମସ୍ତଙ୍କର ସମୟ ଦରକାର । ସମସ୍ତଙ୍କର ସମ୍ପନ୍ନତା ଜୀବନଶୈଳୀ ଦରକାର । କାହାର ଭୋଜି ଆମନ୍ତ୍ରଣ ହେଉ କି ମନ୍ଦିର ଯିବାକୁ ହେଉ ଚାଲି ଚାଲି ଯିବା ବଡ଼ କଷ୍ଟଦାୟକ ହୋଇଗଲାଣି ।ସେପାଇଁ ଫୋର ହ୍ୱିଲର ହେଉ ନଚେତ ଥ୍ରୀ ହ୍ୱିଲର ଆବଶ୍ୟକ ।

ଏହା ଛଡା ଘରେ ହେଉ କି ଅଫିସ ଅନବରତ ଏସି ହାଓ୍ୱା ଦରକାର । ସମସ୍ତେ ଧନୀ ହେବାକୁ ବ୍ୟତିବ୍ୟସ୍ତ । ସମସ୍ତେ ବାବୁ ଉପାଧି ପାଇ ବାକୁ ବ୍ୟଗ୍ର । ସବୁ ଦରକାର ଭିତରେ ଶରୀରର ଅଙ୍ଗ ପ୍ରତ୍ୟଙ୍ଗ ଅଚଳ ହେଲେ ଜଙ୍କ ତ ଲାଗିବ ନିଶ୍ଚୟ ।

ପଣ ଜେଜେ(ଜେଜେଙ୍କ ବାପା)ଙ୍କୁ କୌଣସି କଥାରେ ଫିକର ନଥିଲା । ଯାହା ମିଳୁଥିଲା ଆନନ୍ଦରେ ଖାଇ ଦେଉଥିଲେ ।ଯେଉଁଠି ହେଉ ଶୋଇ ଯାଉଥିଲେ । ପୋଖରୀ ହେଉ କି ଗଡ଼ିଆ ଗାଧୋଇ ପଡୁଥିଲେ । ସାଙ୍ଗ ସାଥି ସାଇ ପଡିଶା ସହ ମିଶୁଥିଲେ । ଦରକାର ବେଳେ ସାହାଯ୍ୟ ସହାନୁଭୂତି କରୁଥିଲେ । ତାଙ୍କୁ କିଛି ରୋଗ ବୈରାଗ ନଥିଲା । ୧୦୦ ବର୍ଷ ପାରି ହେଉଯାଉଥିଲେ । ଜେଜେଙ୍କର ଇଚ୍ଛା ବଢ଼ିଲା । ସେ ନିଜ ଜୀବନ ଶୈଳୀକୁ ସେ ସମୟର ଆଧୁନିକ ସ୍ତରକୁ ଆଣି ବୟସକୁ ସଙ୍କୁଚିତ କରି ୮୫ ବର୍ଷ ଯାଏ ବଞ୍ଚି ରହିଲେ । ବାପା ଆଉଟିକେ ଆଧୁନିକ ଢାଞ୍ଚାକୁ ଅନୁକରଣ କରି ୮୫ରୁ ୭୬ ବର୍ଷକୁ ଖସି ଆସିଲେ । ଆଉ ଏବେକାର ନୂଆ ପିଢ଼ି ନିଜ ଜୀବନ ପ୍ରତି ପୂରାପୁରି ସ୍ୱାର୍ଥୀ ହୋଇଯାଇଛନ୍ତି । ସେମାସନଙ୍କୁ ଖାଲି ଟଙ୍କା ଓ ଭୋଗ ବିଳାଶର ଭୋକ ଘାରିଛି । ମଦ ମାଂସ ସାଙ୍ଗକୁ ଅନିୟନ୍ତ୍ରିତ ଜୀବନଶୈଳୀ । ଯାହାଦ୍ୱାରା ସେମାନଙ୍କ ବୟସ ସୀମା ୬୦ ମଧ୍ୟରେ ଅଟକି ରହିଛି ।

ସତ କହିବାକୁ ଗଲେ ସଂଯମ,ସନ୍ତୋଷ ଓ ସହଯୋଗ ସାର୍ଥକ ଜୀବନର ପ୍ରଥମ ଓ ଶେଷ ଆବଶ୍ୟକ ହୋଇଥାଏ । ନମୁନାକୁ ବଦଳାଇବାକୁ ହେବ । ସ୍ୱାସ୍ଥ୍ୟ ଓ ବୟସ ନିମନ୍ତେ ପଛକୁ ଫେରିବାକୁ ହେବ । ତା ନହେଲେ ମାନବୀୟ ଦୃଷ୍ଟିକୋଣକୁ ଆପଣେଇବା ସମସ୍ତଙ୍କ ନିମନ୍ତେ ଅସମ୍ଭବ ହୋଇଯିବ ।

ବିସି-୭୪,ସଲଟ ଲେକ,କଲକାତା-୬୪
ମୋ-୯୬୮୧୩୭୩୫୧୨

କୁଳାଙ୍ଗାର ପୁଅ

ଚନ୍ଦ୍ରମୋହନ ମହାପାତ୍ର

ବଙ୍ଗୋପସାଗରର ଉପକୂଳରେ ଲମ୍ବି ଯାଇଥିବା ଧାମରା-ଚାନ୍ଦିପୁର ପ୍ରୋଫ୍ ରୋଡ୍ କେଉଁ କାଳରୁ ନିର୍ମାଣ ହେଲାଣି ବୋଲି ଠାଏ ଠାଏ ପିଚୁ ଉଠି ଖାଲରୁ ପଥର ସବୁ ଉପରକୁ ଉଛୁଳି ପଡ଼ିଛି । ଅନିର୍ଦ୍ଦିଷ୍ଟ ବ୍ୟବଧାନରେ ରାସ୍ତାକୁ ଲାଗି ଦୋକାନ ବଜାର । ସାମାନ୍ୟ ଜନ ସମାଗମ । ପ୍ରାୟତଃ ଅନ୍ୟ ରାସ୍ତା କଡ଼ ଜନଶୂନ୍ୟ । ସଂପୂର୍ଣ୍ଣ ଖାଁ-ଖାଁ ନହେଲେବି କେତେକାଂଶରେ ଜନଗହଳି ଲାଗି ରହିଛି । ଆଗରୁ ରାସ୍ତା ବା ଠିକଣା ପଚାରିବାକୁ ଜଣେ ମିଳିବା କଷ୍ଟକର ଥିଲା, ଏବେ କିନ୍ତୁ ସେ ସମସ୍ୟା ନାହିଁ । ପୂର୍ବରୁ ଏପରି ରାସ୍ତା ନଥିଲା । ଖରାଦିନିଆ ଯା'ଆସ ପାଇଁ ମାଟି ରାସ୍ତାଟି ପ୍ରତି ବର୍ଷ ବର୍ଷା ଦିନେ ଧୋଇଯାଏ । ପୁଣି ଖରାଦିନେ ତିଆରି ହୁଏ ନେତା ଓ ଠିକାଦାରଙ୍କ ମିଳିତ ଉଦ୍ୟମରେ । ସମୁଦ୍ର ପାଖେ ପାଖେ ପଡ଼ିଥିବାରୁ ଏ ରାସ୍ତାକୁ କୁହାଯାଉଥିଲା ଲୁଣିବନ୍ଧ ।

ହଲି ଦୋହଲି ମନ୍ଥର ଗତିରେ ଗାଡ଼ି ନିର୍ଦ୍ଦିଷ୍ଟ ଛକରେ ପହଞ୍ଚିବା ପରେ ଅଙ୍କାବଙ୍କା ଗାଁ ରାସ୍ତାକୁ ପଛରି ବୁଝି ଠିକଣା ଜାଗା ପାଇବାକୁ ସକ୍ଷମ ହୋଇ ପାରିଛନ୍ତି ସମରେନ୍ଦ୍ର । ହଳଧରପୁର । ଗାଁ'ର ନାମ, ଆଜି ନୁହେଁ ବହୁ ଦିନରୁ ଖ୍ୟାତି ରହିଛି ବୋଲି ଶୁଣିଥିଲେ । କାହିଁକି ନା ଏଠାରେ ରହିଛି ବିଜେ ଶ୍ରୀ ଜିଉଙ୍କ ଶ୍ରୀମନ୍ଦିର ଏବଂ ଚଳନ୍ତି ପ୍ରତିମ ବୁଢ଼ା ବାପାମା'ଙ୍କ ଆଶ୍ରୟ ସ୍ଥଳ ।

ଗତ କାଲି ଖବର ପହଞ୍ଚିବା ବେଳୁ ମନ ଅସ୍ଥିର ହୋଇଥିଲା । ଭାବିଥିଲେ ସେହି ରାତିରେ ଗାଡ଼ି ଧରି ଚାଲି ଆସିଥାନ୍ତେ । ହେଲେ ସ୍ତ୍ରୀ ଅଗତ୍ୟା, ବାରଣ କଲା- 'ବହୁତ ମା'ସୁଆଗ ଦେଖାଉଛ, ରାତିରେ ବୁଢ଼ୀ ଚାଲିଯିବନା କ'ଣ ? ସକାଳ ହେଉ ଯୁଆଡେ ଯିବ ।' ବାଧ୍ୟ ଶିଶୁଟେ ଭଳି ବିଛଣାରେ ସେମିତି ପଡ଼ିରହି କଡ଼ ଲେଉଟାଇ ଶୋଇବାକୁ ଉଦ୍ୟମ କଲେ ସୁଦ୍ଧା ଆଖିକୁ ନିଦ ଆସୁ ନଥିଲା । ଏତେ ବଡ଼ ଖବରଟା ପାଇ କେହି କ'ଣ ଥୟଧରି ଶୋଇପାରେ ! ଅଗତ୍ୟା ସିନା ତା'ର କେହି ନୁହେଁ । ଦଶମାସ ଦଶ ଦିନ ଗର୍ଭରେ ଧରି ଜନ୍ମ ଦେଇଛି । ତା'ଛାତିର କ୍ଷୀର ପିଇ ଏ ଶରୀର ହୃଷ୍ଟ ପୃଷ୍ଟ ହୋଇଛି । ନିଜେ ନଖାଇ ନପିଇ ଖୁଆଇ ପିଆଇ ଏଡୁଟିଏରୁ, ଏତେବଡ଼ କରିଛି । ତା'ବଦଳରେ ତାକୁ ସେ କ'ଣ ଦେଇଛି । ମା'ବୋଲି ଜୀବନ ସାରା ଟିକିଏ ସୁଖ ଦେଇ ପାରିଲେ ନାହିଁ । ସେବା ଯତ୍ନ ଦୂରର କଥା, ମଲା ବେଳେ ବି ତା'ତୁଣ୍ଡରେ ପାଣି ଟୋପେ ଦେବାକୁ ଯୋଗ୍ୟ ହେଲାନି । ସେ ନିଜକୁ ବାରମ୍ବାର ଧିକ୍‌କାର୍ କଲେ ଏବଂ କୃତଘ୍ନ କୁଳାଙ୍ଗାର ପୁଅ ହିସାବରେ ନିଜକୁ ଲଜ୍ଜିତ ବୋଧ କଲେ ।

ଗାଡ଼ିରୁ ଉହ୍ଲାଇ ଗେଟ୍ ପାଖକୁ ଗଲେ ସମରେନ୍ଦ୍ର । ବଡ଼ ବଡ଼ ଅକ୍ଷରରେ ଲେଖା ହୋଇଥିଲା- 'ନିରାଶ୍ରୟ ଜରାଶ୍ରମ' । ଗେଟ୍ ପ୍ରାଚୀରର ଦୁଇ କାନ୍ଥରେ ଲେଖାଥିବା ମୂଲ୍ୟବାନ କଥାକୁ ପଢ଼ିଲେ । 'ମଣିଷ ଈଶ୍ୱରଙ୍କ ବରଦାନ', 'କର୍ମହିଁ ଭଗବାନ' 'ଭାଗ୍ୟ ଠାରୁ କର୍ମ ବଳବାନ' 'ଜନ୍ମ-ମୃତ୍ୟୁର ଦୂରତ୍ୱ ବୋଲି କିଛି ନାହିଁ', 'ଗୁରୁଜନ ଚିର ନମସ୍ୟ', 'ବୁଢ଼ାବୁଢ଼ୀ ଦେଶର ଅମୂଲ୍ୟ ସଂପଦ' ଏମିତି ଅନେକ ।

ଗେଟ୍ ସେପାଖରୁ ରହି ସ୍ଥାନଟିର ଆକର୍ଷଣୀୟ ଶୋଭାକୁ ମନ ପୂରେଇ ଦେଖୁଥିଲେ ସମରେନ୍ଦ୍ର । ଭିତରେ କେତେ ଜଣ ସାଧା ଲୁଗା ପିନ୍ଧା ଲୋକ ଚଳପ୍ରଚଳ କରୁଥିଲେ । ଅଗଣାରେ ବସି କେତେକ ବୁଢ଼ା ବୁଢ଼ୀ କିଛି କାମ କରୁଥିଲା ପରି ମନେ ହେଲା । ବାରଣ୍ଡା ଉପରେ କାନ୍ଥକୁ ଲାଗି ପଡ଼ିଥିବା ଏକ ଖଟ ଉପରେ ମୁନି ଭଳି ଡେଙ୍ଗା ଜୀର୍ଣ୍ଣଶୀର୍ଣ୍ଣ ଶ୍ୱେତ ଲମ୍ବା ଦାଢ଼ି ବ୍ୟକ୍ତି ଜଣକ ପଦ୍ମାସନରେ ବସି କ'ଣ ପଢୁଥିଲେ ।

ତାଙ୍କର ଉପସ୍ଥିତି ସଂପର୍କରେ ସେମାନଙ୍କର କୌଣସି ଧ୍ୟାନ ଧାରଣା ନଥିବା ପରି ମନେ ହେଉଥିଲା । କେହି ଜଣେ ହେଲେ ବି ପଛରିବାର ନାମ ଧରୁ ନଥିଲେ । କେଉଁଠୁ ଆସିଲ, କାହାକୁ ଖୋଜୁଛ, ଇତ୍ୟାଦି । ସେମାନଙ୍କ ଭିତରେ ତାଙ୍କ ମା'ର ଉପସ୍ଥିତି ଆଖିରେ ପଡୁ ନଥଲା । ଏହି ଆଶ୍ରମରୁ ତ ଖବର ଯାଇଥିଲା । 'ତୁମ ମା'ସିରିୟସ୍ । ତୁମକୁ ଦେଖିବାକୁ ବହୁତ ଖୋଜୁଛନ୍ତି ।' ସେ କଥା ମନେ ପଡ଼ିବା ବେଳକୁ ତାଙ୍କ ମନରେ କୋହ ଆସି ଯାଇଥିଲା । ତେବେ କ'ଣ ମା'କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ଏମିତି ଏଆଡୁ ସେଆଡୁ ଅନେକ ଅଡୁଆ ପ୍ରଶ୍ନ ମନକୁ ଘାଣ୍ଟି ଦରାଣ୍ଡି ପକାଉଥିଲା ।

ଅନେକ ଦିନରୁ ଖବର ପାଇଥିଲେ ମା' କୁଆଡ଼େ ଏଇ ଆଶ୍ରମରେ ରହିଛି । କେବେ କେବେ ଇଚ୍ଛା ହୋଇଥିଲା ଏଠାକୁ ବୁଲି ଆସନ୍ତା । କଥା ପ୍ରସଙ୍ଗରେ ସେଦିନ କହିଲେ 'ଅଗତ୍ୟା !ମା' କୁଆଡ଼େ ଜରା ଆଶ୍ରମରେ ରହୁଛି । ଚାଲ ଯିବା ଟିକିଏ ଦେଖି ଆସିବା ।'

ଏତିକି କଥାରେ ବାଘପରି ଗର୍ଜି ଉଠିଥିଲା ସିଏ । ଦାନ୍ତ ନିକୁଟି କେତେ କଥା କହିଗଲା । ମା' ସୁଆଗ ବୋହି ଯାଉଛି, ଯାଉନ ସେଠି ରହିବ, ପୋଳା ପୋଳା ଟଙ୍କା ରଖିଥିବ, ଦେଇଦବ । କହି ଦଉଛି ହଁ, ଆମେ

ଏବେବି ସେଥିରୁ କୁହୁଡ଼ା ଧୂଆଁ ଟିକିଏ ଟିକିଏ ଉଠୁଥିଲା । ତାଙ୍କୁ ଲାଗିଲା ଯେମତି ମା'ର ପୋଡ଼ା ଦେହର ପାଇଁଶ ଭିତରୁ ବର୍ତ୍ତମାନ ସୁଦ୍ଧା ଶେଷ ନିଃଶ୍ୱାସ ଟିକକ ବାହାରି ଚାଲିଛି । ଥପ୍‌କରି ତଳେ ବସିପଡ଼ିଥିଲେ ସମରେନ୍ଦ୍ର । ଜୂଇରେ ଗଦା ହୋଇଥିବା ପୋଡ଼ା ଅଙ୍ଗାର ଉପରେ ହାତ ବୁଲେଇଲେ । ତାଙ୍କୁ ଲାଗୁଥିଲା ମା'ର କଳାଧଳା ମୁଣ୍ଡର କେଶରେ ସେ ଯେମିତି ହାତ ବୁଲଉଛନ୍ତି । ତାଙ୍କ ଆଖିରୁ ଧାର ଧାର ହୋଇ ଲୁହ ବୋହି ଚାଲିଥିଲା । ଯେତେ ଲୁହ ବୋହିଲେ ବି ଦୋଷ ଧୋଇବାକୁ ଯେମିତି ସେ କେବେ ସକ୍ଷମ ହେଉନି ।

କେହି ଯାଇ ପାରିବୁ ନାହିଁ । ଯଦି ଯିବ, ତମେ ଏକା ଯାଅ । ସେଇଠି ରହିଯିବ । ଏଟା ମୋ ଘର ମୋ ବାପ ଟଙ୍କାରେ ଘର ତୋଳାଯାଇଛି । ତମ ବୋପା କି ମା' ଟଙ୍କାଟିଏ ଦେଇ ନାହାଁନ୍ତ, ଏଇ କଥା ମନେ ରଖିଥିବ ।'

ଏତିକିରେ ସେ ପ୍ରସଙ୍ଗ ସେହି ମୁହୂର୍ତ୍ତରେ ନିଆଁରେ ପାଣି ପଡ଼ିବା ଭଳି ଲିଭି ଯାଇଥିଲା ସିନା ଦିନଟା ସାରା ଲଙ୍କା କାଣ୍ଡ ଭିଆଇଥିଲା । ଅଗତ୍ୟା ସେ କାକୁସ୍ତ ମୂଷା ଛୁଆଟିଏ ଭଳି ଶାନ୍ତ ବାତାବରଣକୁ ଅପେକ୍ଷା କରିଥିଲେ । ସେବେଠାରୁ ଆଉ ତା'ଭୟରେ ଆଶ୍ରମ ନାମ ତୁଣ୍ଡରେ ଧରି ନଥିଲେ ।

ଗେଟ୍ ପାଖକୁ ଲାଗିଗଲେ, ହାତ ହଲେଇ ଡାକିବାକୁ ଚେଷ୍ଟା କଲେ । କେହି ତାଙ୍କ ଆଡ଼କୁ ଦୃଷ୍ଟି ଫେରାଇଲେ ନାହିଁ । ପୁଣି ଭାବିଲେ, ସେମାନେ ଯଦି ପ୍ରଶ୍ନ କରନ୍ତି ତୁମେ କିଏ ? ତୁମ ମା'ଏତେ ଦିନଧରି ଏଠାରେ ଅଛନ୍ତି, କାହିଁ କେବେହେଲେ ତୁମେ ଏଠାକୁ ଆସି ନଥିଲ । ତେବେ ତୁମେ କି ପୁଅ ? ନିଜକୁ ଜଣେ ଦୋଷୀ ସାବ୍ୟସ୍ତ କରି ଗାଡ଼ି ପାଖକୁ ଫେରିଆସିଲେ ସମରେନ୍ଦ୍ର ।

ଏମିତି ଦିନେ ବାପା ସିରିୟସ୍ ଥିବା ଖବର ପାଇ ରାତିରେ ଗାଁ'କୁ ଯିବା ପାଇଁ ବାହାରିଥିଲେ । ଅଟକାଇ ଦେଲା ଅଗତ୍ୟା । ପରଦିନ ଖବର ପାଇଲେ ବାପା ଚାଲିଗଲେ । ପିଲାମାନଙ୍କୁ ସାଥୀରେ ଧରି ଗାଁ'ରେ ପହଞ୍ଚିବା ବେଳେକୁ ଗା'ଲୋକ ମିଳିମିଶି ପଞ୍ଚକର୍ମ ସାରିଦେଇଥିଲେ ।

ମା' କାନ୍ଦି କାନ୍ଦି କହିଲା- 'ଆଉ କଣ ଦେଖିବାକୁ ଆସିଛୁ । ଏତେ ଥର ଖବର ଦେଲି, ଗାଁ ଲୋକଙ୍କୁ ପଠେଇଲି । ସେ ଗଲାବେଳେ କେତେ ତୋତେ ଖୋଜିଛନ୍ତିରେ । ପୁଅ ହୋଇ ମୁହଁରେ ତ ପାଣି ଟୋପେ କିମ୍ବା ନିଆଁ ଟିକେ ଦେବାକୁ ଯୋଗ୍ୟ ହୋଇ ପାରିଲୁ ନାହିଁ । ଆଉ କ'ଣ ଦେଖିବାକୁ ଆସିଛୁ ?'

ସେଦିନ ମା'କଥା ମୋ କଲିଜାକୁ ଛୁରୀରେ ଚିରି ଦେବାପରି ମନେ ହୋଇଥିଲା । ଅଭିମାନରେ କହିଥିଲି-'ତୁ ତ ନିଜେ ଅର୍ଜିଛୁ । ନିଜେ ରାସ୍ତାରୁ କଣ୍ଟା ଆଣି ଶେଯରେ ବିଛାଇଛୁ । ତମ୍ପ ସାପକୁ ବେକରେ ଗୁଡ଼େଇଲୁ । ମୁଁ ଆଉ କ'ଣ କରିପାରି ଥାଆନ୍ତି । ନରେନ୍ଦ୍ରପୁରର ଝିଅ ସୁକାନ୍ତି ସାମଲ । ଅଜାତି ଘର ଝିଅବୋଲି ବିଷ ବୋତଲ ଧରି ବସିଲୁ । ସେ ଏରୁଣ୍ଡି ବନ୍ଧ ଡେଇଁଲେ ଆଗ ମୋ ମଡ଼ା ଘରୁ ଉଠିବ ବୋଲି କହିଲୁ । ହଁ ହୋଇପାରେ ଜାତିରେ ଆମଠାରୁ ଛୋଟ । ହେଲେ ମନଟି ତା'ର ବହୁ ଉଚ୍ଚରେ ଥିଲା ।'

'ମ୍ୟାଟ୍ରିକ୍ ପରୀକ୍ଷା ଦେବାକୁ ଯାଇଥିଲି । ସେଠାରେ ତା'ସହିତ ସାକ୍ଷାତ ହେଲା । ଏକା କଲେଜରେ ପାଠ ପଢ଼ିଲୁ । ଧୀରେ ଧୀରେ ସଂପର୍କ ବଢ଼ିଲା । ବିଏ ପରୀକ୍ଷା ଫଳ ବାହାରିବା ଦିନ ସେ କେତେ ଖୁସି ହୋଇ ମୋତେ ପ୍ରଥମେ ଏଇ ଖବରଟା ଦେବା ପାଇଁ ଆମ ଘରକୁ ଧାଇଁ ଆସଥିଲା । ଯେତେବେଳେବି ସେ ଆମ ଘରକୁ ଆସେ ଝିଅ ଭଳି ତୋ ହାତରୁ କାମ ଛଡ଼େଇ କରି ପକାଉଥିଲା । ସେ ଦିନ ତୁ ଜ୍ୱରରେ ପଡ଼ିଥିଲୁ କେତେ ସେବା ଯତ୍ନ ନକରିଥିଲା । ରାତି ରାତି ଅନିଦ୍ରା ହେଇ ତୋ ବିଛଣା ପାଖରେ ଜଗି ବସିଥିଲା । ତୁ ତ ତାକୁ କମ୍ ଭଲ ପାଉ ନଥିଲୁ ଲ ମା । କ'ଣ ପାଇଁ ତୁ ଶେଷ ମୁହୂର୍ତ୍ତରେ ବଦଳି ଗଲୁ, ବଡ଼ ଘର ଝିଅ ଖବରଟା ଆସିଗଲା ବୋଲି ଅଧିକ ଯୌତୁକ ଲୋଭରେ ତୁ ସୁକାନ୍ତିର ସବୁ ମାୟା ମମତା ସ୍ନେହକୁ ଭୁଲି ଯାଇ ଲୋଭରେ ପଡ଼ିଗଲୁ । ମୋ ଜୀବନର ସବୁ ସୁଖ ଶାନ୍ତିକୁ କାଢ଼ି ନେଇ ବେକରେ ବାଦୁଡ଼ି ଭଳି ଝୁଲେଇ ଦେଲୁ ସେହି ବଡ଼ ଘରର ଛୋଟ ମିଞ୍ଚାସ୍‌ର ଝିଅକୁ । ଯାହାର ଦଂଶନର ଜ୍ୱାଳାରେ ସାରା ଜୀବନ ଯନ୍ତ୍ରଣାରେ ଛଟପଟ ହୋଇ ପ୍ରତି କ୍ଷଣରେ ମରୁଛି । ଏତେ କଥା ପରେ ସୁକାନ୍ତି ମୁହଁକୁ ଚାହିଁ ତାଙ୍କ ଘରଲୋକ ବାଧ୍ୟରେ ଆମ ଘରେ ପହଞ୍ଚିଥିଲେ । ତୁ ଯେଭଳି ଭାବେ ସେମାନଙ୍କୁ ଅପମାନ ଦେଇ ବିଦା କରିଦେଲୁ । ସେଦିନର ଘଟଣା ମନରୁ କେବେ ବି ଭୁଲୁ ନାହିଁ ।

ବଡ଼ ଘର ବାପର ଗୋଟିଏ ବୋଲି ଝିଅ, ଅଚଳାଚଳ ସମ୍ପତ୍ତି, ସହରରେ ଜାଗା ଜମି, କେତେ କ'ଣ ସ୍ୱପ୍ନ ରାଜ୍ୟରେ ଭାସିଗଲ । ତଥାପି ମୁଁ କହିଥିଲି ସୁକାନ୍ତି ଭାରି ଭ

ପରିଶ୍ରମ ହିଁ ଅସଲି ପୂଜା

ଅଣୁ ଗପ

ନଗେନ୍ଦ୍ର ନାଥ ପଟ୍ଟନାୟକ

ଶ୍ରେୟ ତା ଜେଜେମା ସଙ୍ଗରେ ବେଳେବେଳେ ମନ୍ଦିର ଯାଏ । ଜେଜେମା ସହଳ ସକାଳୁ ଉଠିପଡି ,ଗାଧୋଇ ପାଧୋଇ ମନ୍ଦିର ଯାଆନ୍ତି । ଘରୁ ଡାକେ ବାଟ ଗଲାପରେ ମନ୍ଦିର । ସ୍କୁଲ ଯିବା ଆଗରୁ ଅଳ୍ପ ବହୁତ ସମୟ ତା ହାତରେ ଥିଲେ ସେ ଜେଜେମା ସହ ମନ୍ଦିର ଚାଲିଯାଏ ।

ସେ ଥରେ ପଚାରିଲା -ଜେଜେମା, ମୁଁ ଏ ମନ୍ଦରି କାଇଁକି ଯାଉଚି ?

ଜେଜେମା ବୁଝାଇଲେ -ପୁଅ ! ଆମେ ମନ୍ଦିର ଯାଇ ହାତଯୋଡି ଭକ୍ତିର ସହିତ ଠାକୁରଙ୍କୁ ପ୍ରାର୍ଥନା କରୁ । ଆମର ପାଠପଢାରେ ସଫଳତା ହାସଲ କରିବା ଓ ସୁସ୍ଥ ,ନିରୋଗ ରହିବା ପାଇଁ ମିନତି କରୁ ।

ଶ୍ରେୟ ମନ୍ଦିର ଯାଇ ଖୁସିରେ କୁରୁଳି ଉଠେ । ତାକୁ ଲାଗେ ମନ୍ଦିର ଯାଇ ପୂଜା କରିବା ଦ୍ୱାରା ଦୁର୍ଗା ମାଆ ତା ଉପରେ ସଫଳତାର ଆଶିଷ ଅଜାଡି ଦେବେ । ଆଉ ସେ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖି ଉତୀର୍ଣ୍ଣ ହେବ । ଏକ ନାମକରା ବିଦ୍ୟାଳୟରେ ତା ମାମା ଜଣେ ଶିକ୍ଷୟତ୍ରୀ । ସେ ତାକୁ ସର୍ବଦା କହନ୍ତି- ମନ୍ଦିର ଯାଇ ଦେବୀ ମାଙ୍କୁ ଗୁହାରି କରିବା ଭଲକଥା, ହେଲେ ମନମୂନ ଲଗେଇ ପଢିବା ନିହାତି ଜରୁରୀ । ସେଥିପାଇଁ ଖୁବ୍ ବଡ ଅଡୁଆରେ ପଡିଯାଏ ଶ୍ରେୟ ।

ସେ ଦିନମାନଙ୍କରେ ନବରାତ୍ର ପର୍ବ ଚାଲିଥାଏ । ସେ ମନ୍ଦିର ଆଡେ ମୁହାଇଁଲା ପୂଜା କରିବା ପାଇଁ । ଦେବୀ ଦୁର୍ଗା ମାତାଙ୍କୁ । ସାନଭଉଣୀ ଅନୁ, ଜେଜେମା, ମାମା ଓ ବାପା ବି ତା ସାଙ୍ଗରେ ।

ମନ୍ଦରରେ ପ୍ରବଳ ଗହଳି । ପିମ୍ପୁଡି ଧାର ଭଳି ଭକ୍ତ ଦର୍ଶନାର୍ଥୀମାନଙ୍କ ଲମ୍ବାଧାଡି । ଶ୍ରେୟ ଦେଖିଲା ତା' ସହପାଠୀ ବି ନିଜ ବାପା ମାଆଙ୍କ ସହିତ ମନ୍ଦିର ଆସିଚି । ଭବ୍ୟ ମନ୍ଦିରଟି ସୁସଜ୍ଜିତ । ଆଲୋକମାଳାରେ ଝଲମଲ ଦିଶୁଚି । ଦୁର୍ଗାମାତାଙ୍କ ମୂର୍ତ୍ତିରେ ଅର୍ଖନୂଆ ଆକର୍ଷଣୀୟ ବସ୍ତ୍ର ପରିଧାନ । ମାତାଙ୍କ ପ୍ରତିମା ସମ୍ମୁଖରେ ଆସି ସେ ଛିଡାହେଲା । ହାତଯୋଡି, ଆଖିବୁଜି ଭକ୍ତି ଓ ଏକାଗ୍ରତାର ସହିତ ପ୍ରାର୍ଥନା କଲା-ଦେବୀ ମାତା, ପରୀକ୍ଷାରେ ମୁଁ ଯେମିତି ସର୍ବୋଚ୍ଚ ନମ୍ବର ପ୍ରାପ୍ତକରେ ସେଥିପାଇଁ କୃପାକରି ମତେ ଆଶୀର୍ବାଦ ଦିଅନ୍ତୁ ।

ରାତିରେ ମାମା ଖାଇବା ବନେଇଲେ । ସମସ୍ତେ ଏକାଠି ବସି ଭୋଜନ କଲେ । ଶୋଇବା ପାଇଁ ବିଛଣା ଧରିବାକୁ ଗଲାବେଳକୁ ଶ୍ରେୟ ଦିମାକରେ ଗୋଟିଏ କଥା ଖେଳିବୁଲିଲା । ପିଲାଦିନେ ସେ ଜେଜେମା ସଙ୍ଗରେ କେବେ କେବେ ମନ୍ଦିର ଯାଉଥିଲା । ଏବେ ବି ଯାଉଚି, ଦେବୀ ମାତା ତାକୁ ଆଶୀର୍ବାଦ ଦେବେ, ଯେମିତି ସେ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିବ । ସପନରେ ଦେଖିଲା ସେ ନିୟମିତ ପୂଜା କରୁଚି, ହେଲେ ମନଯୋଗ ଦେଇ ପଢୁନି । ସପନରେ ଦେବୀ ଆସି ତାକୁ ଦେଖାଦେଲେ । କହିଲେ -ପୁଅ, ତୁ ପିଲାବେଳୁ ମୋର ପୂଜା କରୁଅଛୁ । ସେଥିରେ ମୁଁ ବହୁତ ପ୍ରସନ୍ନ । ପରୀକ୍ଷାରେ ସଫଳତା ଓ ଉତମ ସ୍ୱାସ୍ଥ୍ୟର ଆଶୀର୍ବାଦ ଦେଉଛୁ ତୋତେ । କିନ୍ତୁ ଏ ଦୁଇଟିଯାକ ପାଇଁ ତତେ ଉଦ୍ୟମ କରିବାକୁ ପଡିବ । ଜୀବନରେ ପରିଶ୍ରମ ନିହାତି ଜରୁରୀ, କାରଣ ମେହନତ କରିବା ହେଉଛି ମୋର ଅସଲି ପୂଜା । ତୁମେ ଜଣେ ବିଦ୍ୟାର୍ଥୀ । ମେହନତ, ଲଗନ ଓ ଏକାଗ୍ରତା ସହ ପଢିବା ତୁମର କର୍ତ୍ତବ୍ୟ । ସଅଳ ସକାଳୁ ବିଛଣା ଛାଡିବା, ମୁହଁହାତ ଧୋଇ ପାଠପଢିବା ଓ ବ୍ୟାୟାମ କରିବା ଆବଶ୍ୟକ । ମନ୍ଦିର ନ ଯାଇପାରିଲେ ବି କୌଣସି ଅସୁବିଧା ନାଇଁ । ମୁଁ ତୁମର କଠିନ ପରିଶ୍ରମ, ନିଷ୍ଠା ଓ ଏକାଗ୍ରତାକୁ ମୋ ନିଜର ପୂଜା ରୂପେ ସ୍ୱୀକାର କରିବି । ସଦାବେଳେ ସଫଳତାର ଆଶୀର୍ବାଦ ଢାଳିଦେବି ।

ପରଦିନ ସଅଳ ସକାଳୁ ଉଠିପଡି ଶ୍ରେୟ ତା ଜେଜେମା ଆଉ ମାମାଙ୍କୁ ଗତରାତିରେ ଦେଖିଥିବା ସପନ କଥା ଶୁଣାଇଲା । ସେମାନେ କହିଲେ -ପୁଅ, ଭଗବାନ ତାକୁଇ ସହାୟତାର ହାତ ବଢାନ୍ତି ଯିଏ ନିଜେ ନିଜକୁ ହିଁ ସହାୟତା କରିଥାଏ । ଦୁର୍ଗାମାତା ତତେ ପରିଶ୍ରମ କରିବାକୁ ପ୍ରେରଣା ଦେଇଛନ୍ତି, କାହିଁକିନା ପରିଶ୍ରମ ହେଉଛି ଅସଲି ପୂଜା । ଶ୍ରେୟ ମନରେ ଉପୁଜିଥିବା ଦ୍ୱନ୍ଦ୍ୱ ଦୂର ହୋଇଗଲା । ସେ ହେଜି ସାରିଥିଲା ଅସଲି ପୂଜା ହୋଉଛି ପରିଶ୍ରମ ।

♥ ଓସ୍କାର ସିଟି,
ପ୍ଲଟ ନଂ-୪୫୪,ଲେନ ନଂ-୯
ଲକ୍ଷ୍ମୀସାଗର କେନାଲ ରୋଡ, ଭୁବନେଶ୍ୱର
ମୋ-୯୪୩୮୩୩୨୧୩୮

ମହାତ୍ମା ଗାନ୍ଧୀ ଓ କଟକ

ଡ଼ଃ.ଅରୁନ୍ଧତୀ ଦେବୀ

୧୯୧୫ ମସିହା ପରେ ପରେ ଭାରତୀୟ ରାଜନୈତିକ ଦୃଶ୍ୟପଟ୍ଟରେ ଉଭା ହେଲେ ଗାନ୍ଧିଜୀ । ଭାରତୀୟ ଜାତୀୟ କଂଗ୍ରେସ କରିଆରେ ସେ ତାଙ୍କର ରାଜନୀତିକ ସମ୍ପର୍କରେ ମୂଳଭିତ୍ତି ସ୍ଥାପନ କରିଥିଲେ । ନାଗପୁର କଂଗ୍ରେସ ଅଧିବେଶନରେ ଉତ୍କଳମଣି ଗୋପବନ୍ଧୁ ଦାସ ତାଙ୍କୁ ଓଡ଼ିଶା ଆମନ୍ତ୍ରଣ କରିଥିଲେ । ସେ ଏଠାକୁ ଆସିବା ନିମନ୍ତେ ଗୋପବନ୍ଧୁଙ୍କୁ ପ୍ରତିଶ୍ରୁତି ବି ଦେଇଥିଲେ । ପରେ ଗାନ୍ଧିଜୀ ୧୯୧୬ରେ ବନ୍ୟା ଏବଂ ଦୁର୍ଭିକ୍ଷ ପ୍ରପୀଡ଼ିତ ଅଞ୍ଚଳର କାର୍ଯ୍ୟ ତଦାରଖ ପାଇଁ ଅମ୍ରିତଲାଲ ଥାକ୍କରଙ୍କୁ ଓଡ଼ିଶା ପଠାଇଥିଲେ । ଓଡ଼ିଶାର ଗରିବ ଜନସାଧାରଣଙ୍କ ପାଇଁ ସର୍ବଦା ତାଙ୍କର ହୃଦୟ କାନ୍ଦି ଉଠୁଥିଲା । ଏକଦା ସେ କହିଥିଲେ ଓଡ଼ିଶାର ଦୁଃଖ ମୋତେ ଏକ ଦୁଃସ୍ୱପ୍ନ ଭଳି ଯନ୍ତ୍ରଣା ଦେଉଛି । ଭାରତ ଭଳି ଏକ ସମୃଦ୍ଧଶାଳୀ ଦେଶରେ ଏପରି ଅବସ୍ଥା ? ସେ ଯାହାହେଉ ଗାନ୍ଧିଜୀ ଓଡ଼ିଶା ଲୋକଙ୍କୁ ଦେଖିବା, ତାଙ୍କ ସହ କଥା ହେବା ଏବଂ ସୁଖସୁବିଧା ସଂପର୍କରେ ପଚାରି ବୁଝିବା ପାଇଁ ବହୁ ଇଚ୍ଛୁକ ଥିଲେ । ତେବେ ସେ କାମରେ ଏତେ ବ୍ୟସ୍ତ ରହୁଥିଲେ ଯେ ଓଡ଼ିଶା ଆସିବା ପାଇଁ ତାଙ୍କ ପାଖେ ଆଦୌ ସମୟ ନଥିଲା । ଶେଷରେ ସମୟ ବାହାର କରି କଟକ ଆସିଲେ । ସେହି ସମୟରେ ଏଠାରେ ଅସହଯୋଗ ଆନ୍ଦୋଳନ ଜୋର ଧରିଥିଲା । ୧୯୨୧ ମାର୍ଚ୍ଚ ମାସ ୨୩ ତାରିଖରେ ଓଡ଼ିଶାରେ ପହଞ୍ଚିଲେ ଗାନ୍ଧିଜୀ । ପୁରୀ ଏକ୍ସପ୍ରେସ ଦେଇ କଟକ ଆସୁଥିବାବେଳେ ହଜାର ହଜାର ଲୋକ ତାଙ୍କ ଦର୍ଶନ ଟିକେ ପାଇବା ପାଇଁ ଏଠାରେ ସମବେତ ହୋଇଥିଲେ । ମହାତ୍ମା ଗାନ୍ଧୀଙ୍କ ପ୍ରତି କଟକବାସୀଙ୍କ ବହୁ ଆଦର ରହିଥିଲା । ଗାନ୍ଧିଜୀଙ୍କୁ ଭଗବାନଙ୍କ ଅବତାର ବୋଲି ମାନୁଥିଲେ । ପରେ ଏକ ବିରାଟ ଶୋଭାଯାତ୍ରାରେ ହଜାର ହଜାର ଲୋକ ଗାନ୍ଧିଜୀ, ପତ୍ନୀ କସ୍ତୁରବା ଓ ସାନପୁଅ ଦେବଦାସଙ୍କୁ ସ୍ୱରାଜ ଆଶ୍ରମକୁ ପାଛୋଟି ନେଇଥିଲେ । ୭୦ରୁ ଅଧିକ କୀର୍ତ୍ତନ ମଣ୍ଡଳୀ ଭକ୍ତି ସଙ୍ଗୀତ ଗାନ କରିଥିଲେ । ସେ ଆସିଥିବା ଯାନକୁ ବିଭିନ୍ନ ପୁଷ୍ପରେ ସୁସଜ୍ଜିତ କରାଯାଇଥିଲା । ଗାନ୍ଧିଜୀଙ୍କୁ ସ୍ୱାଗତ କରିବା ନିମନ୍ତେ ସହରବାସୀଙ୍କ ତରଫରୁ ବିଭିନ୍ନ ସ୍ୱାଗତ ତୋରଣ କରାଯିବା ସହ ପୂର୍ଣ୍ଣକୁମ୍ଭ ସ୍ଥାପନ କରାଯାଇଥିଲା । କଟକବାସୀ କିପରି ଭାବେ ତାଙ୍କର ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ, ଏ ସମ୍ପର୍କରେ ସମାଜ ଏବଂ ଅମୃତ ବଜାର ପତ୍ରିକାରେ ସବିଶେଷ ପ୍ରକାଶ ପାଇଥିଲା । ସେହିଦିନ ଅପରାହ୍ନରେ ବିନୋଦ ବିହାରୀମଠରେ ଗାନ୍ଧିଜୀ ଏକ ବଡ଼ ମହିଳା ସଭାକୁ ସମ୍ବୋଧିତ କରିଥିଲେ । ଏହି ସମୟରେ ସ୍ୱାଧୀନତା ହାସଲ ସମ୍ବନ୍ଧରେ ସୁଚିନ୍ତିତ ପରାମର୍ଶ ଦେବା ସହ ମହିଳାମାନେ ଏଥିରେ ସକ୍ରିୟ ଅଂଶ ଗ୍ରହଣ କରିବାକୁ ଆହ୍ୱାନ ଦେଇଥିଲେ । ସେହି ସମୟରେ ରମାଦେବୀ ଗାନ୍ଧିଜୀଙ୍କ ଉଦବୋଧନରେ ଅନୁପ୍ରାଣୀତ ହୋଇ ସତ୍ୟାଗ୍ରହ ପାଇଁ ୧୦୦ ତୋଳା ସୁନା ଦାନ କରିଥିଲେ । ସେବେଠାରୁ ସେ ଖଦି ବସ୍ତ୍ର ପରିଧାନ କରିବା ସହ ଏକ ସାଧାରଣ ଜୀବନ ବିତାଇବାକୁ ଲାଗିଲେ । ସନ୍ଧ୍ୟାବେଳେ ହାତିଗଡ଼ହାଟ ନିକଟବର୍ତ୍ତୀ କାଠଯୋଡ଼ି ନଦୀ କୂଳରେ ଆୟୋଜିତ ଏକ ସାଧାରଣ ସମ୍ମିଳନୀରେ ଯୋଗ ଦେଇଥିଲେ । ପରବର୍ତ୍ତୀ ସମୟରେ ଏହା ଗାନ୍ଧୀଘାଟ ନାମରେ ନାମିତ ହୋଇଥିଲା । ଏହାଥିଲା ଗାନ୍ଧିଜୀଙ୍କ ପ୍ରଥମ ସର୍ବସାଧାରଣ ସଭା । ପରେ ଉତ୍କଳ କଂଗ୍ରେସର ସମସ୍ତ ସଭା ଉକ୍ତ ସ୍ଥାନରେ ଅନୁଷ୍ଠିତ ହେଲା । କାଠଯୋଡ଼ି ନଦୀ ଶଯ୍ୟାରେ ଆୟୋଜିତ ଗାନ୍ଧିଜୀଙ୍କ ଏହି ସଭାରେ ୫୦ ହଜାର ଲୋକ ଉପସ୍ଥିତ ଥିଲେ । ଏକ ଲମ୍ବା ଟେବୁଲ ଉପରେ ପଡ଼ିଥିବା ଚଉକିରେ ଗାନ୍ଧିଜୀ ବସିଥିବାବେଳେ ତାଙ୍କ ପାଖରେ ମଞ୍ଚାସୀନ ଥିଲେ କସ୍ତୁରବା ଓ ଉତ୍କଳମଣି ଗୋପବନ୍ଧୁ । ତାଙ୍କର ଦୀର୍ଘ ଭାଷଣରେ ସେ ଅହିଂସା, ଅସହଯୋଗ, ଆତ୍ମଶକ୍ତି, ଅସ୍ପୃଶ୍ୟତା ଏବଂ ସାମ୍ପ୍ରଦାୟିକ ହିଂସାକାଣ୍ଡ ବିଷୟରେ ସବିସ୍ତୃତ ବର୍ଣ୍ଣନା କରିଥିଲେ । ତାଙ୍କର ଏହି ସୁଦୀର୍ଘ ଭାଷଣ ସମ୍ବନ୍ଧରେ ଏକ ପ୍ରବନ୍ଧ ୟଙ୍ଗ ଇଣ୍ଡିଆ ପତ୍ରିକାରେ ମଧ୍ୟ ପ୍ରକାଶ ପାଇଥିଲା । ଉତ୍କଳ ଦୀପିକାର ୨୪ ସେପ୍ଟେମ୍ବର ସଂସ୍କରଣରେ ମଧ୍ୟ ଗାନ୍ଧିଜୀଙ୍କ ସଂପୂର୍ଣ୍ଣ ଉଦବୋଧନ ସ୍ଥାନ ପାଇଥିଲା । ରମାଦେବୀ, ସରୋଜିନୀ ଚୌଧୁରୀ, ହିରଣ୍ମୟୀ ଦେବୀ, ହୈମବତୀ ଦେବୀ, ସରଳା ଦେବୀଙ୍କ ସମେତ ୪୦ଜଣ ମହିଳା ନେତ୍ରୀ ଏହି ସଭାରେ ଯୋଗ ଦେଇଥିଲେ । ଏହି ସମୟରେ ଗାନ୍ଧିଜୀ ସ୍ୱରାଜ ଆଶ୍ରମରେ ରହୁଥିବାବେଳେ ତାଙ୍କର ଖାଇବାପିଇବା, ରହିବା ତଥା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ପଣ୍ଡିତ ଗୋପବନ୍ଧୁ ଦାସ ଦେଖାଶୁଣା କରୁଥିଲେ । ଏହିପରି ବିଭିନ୍ନ ସମୟରେ ସେ କଟକ ପରିଭ୍ରମଣ କରି ଲୋକଙ୍କ ସହ ସୁଖଦୁଃଖ ବାଣ୍ଟି ବିଭିନ୍ନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

ନିର୍ଦ୍ଦେଶିକା-ସମ୍ପାଦିକା,
ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ,
କଟକ, (ମୋ) : ୯୯୩୭୧୭୨୮୧୦

ଚିନ୍ତନ

ପୁରସ୍କାରକୁ ନେଇ ସବୁବେଳେ ବିବାଦ ଲାଗି ରହିଛି, ରହିଥିବ । ତା' ବୋଲି ପୁରସ୍କାର କେହି ପାଇବେନି ସେକଥା ନୁହେଁ । ସବୁ ଲେଖକଙ୍କ ଲେଖାର ଭଲ ଓ ମନ୍ଦ ଉଭୟ ଦିଗ ଅଛି । ଆଶ୍ଚର୍ଯ୍ୟର କଥା ଜଣେ ଯେତେବେଳେ ପୁରସ୍କାର ପାଏ କେବଳ ତା' ଲେଖାର ମାନ ଦିଗଟି ଆଲୋଚନା, ସମାଲୋଚନା ହୁଏ । ସେଥିପାଇଁ ପୁରସ୍କାରର ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ଉଠୁଛି । ମୁଁ ଏହାକୁ ଏଇଥିପାଇଁ ସ୍ୱୀକାର କରେନା ଯେ ରାଜ୍ୟ ଏବଂ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କାର ସ୍ତରକୁ ଯିବାପାଇଁ କେତୋଟି ସୋପାନ ଜଣେ ଲେଖକକୁ ଅତିକ୍ରମ କରିବାକୁ ପଡ଼ିଥାଏ । ସେତିକି ସୋପାନ ଅତିକ୍ରମ କଲେ ସିନା ଜଣେ ଯାଇ ଫାଇନାଲରେ ପହଞ୍ଚିବ । ପୁରସ୍କାର ପାଇବ । ଜଣେ ଯଦି ସେଇ ସୋପାନଗୁଡ଼ିକୁ ଅତିକ୍ରମ କରିଗଲା ନିଶ୍ଚିତ ଭାବରେ ତା'ର କିଛି ଯୋଗ୍ୟତା ଥିବ, ତେଣୁ ସେ ପୁରସ୍କାର ପାଇବାକୁ ହକ୍‌ଦାର । ଏକଥା ବି ସତ ଲେଖକପାଇଁ ପୁରସ୍କାରର ଭୂମିକା ନଗଣ୍ୟ । ପୁରସ୍କାର କେବଳ ଏକ ଲିଖିତ ସ୍ୱୀକୃତି । ପାଠକୀୟ ସ୍ୱୀକୃତି ଯଦି ନାହିଁ, ତେବେ ପୁରସ୍କାରର ମୂଲ୍ୟ କିଛି ନାହିଁ । ତେବେ କିଛି ପ୍ରେରଣା ଓ ଉତ୍ସାହ ତ ଲେଖକ ଜୀବନରେ ନିହାତି ଆବଶ୍ୟକ । ସେଥିପାଇଁ କିଛି ପୁରସ୍କାର ସମ୍ମାନର ମଧ୍ୟ ଆବଶ୍ୟକତା ଅଛି ।



ଲକ୍ଷ୍ମୀ ଚାନ୍ଦ
ବିଶିଷ୍ଟ କଥାକାର, ଭୁବନେଶ୍ୱର
(ମୋ) ୮୯୧୭୫୯୫୯୧୫

କଲମ ଆଜ୍ ଉନକୀ ଜୟ ବୋଲ୍
ଯୋ ଚଢ଼ ଗୟେ ପୁଣ୍ୟ ବେଦୀ ପର୍
ଲିୟେ ବିନା ଗରଦନ୍ କା ମୋଲ୍,
ସାକ୍ଷୀ ହେଁ ଜିନକୀ ମହିମା କେ
ସୂର୍ଯ୍ୟ, ଚନ୍ଦ୍ର, ଭୂଗୋଲ୍, ଖଗୋଲ୍
କଲମ ଆଜ୍ ଉନକୀ ଜୟ ବୋଲ୍ ...

- ରାଷ୍ଟ୍ରକବି ଶ୍ରୀ ରାମଧାରୀ ସିଂହ 'ଦିନକର'

ବମ୍ ଫୁଲ୍ ବୁଖାରା

ଦୀପକ ରଂଜନ ମିଶ୍ର

।। ବୀର ଚନ୍ଦ୍ରସିଂହ ଗଢ଼ବାଲୀ - ୩ ।।

କାଳେ ବସନ୍ତ ଦ୍ୱାରା ସମସ୍ତେ ଆକ୍ରାନ୍ତ ହୋଇ ପାରନ୍ତି ବୋଲି ସନ୍ଦେହ କରି ଚନ୍ଦ୍ରସିଂହ ଓ ତାଙ୍କ ସାଥୀମାନଙ୍କୁ ଦଶଦିନ ଅଲଗା କରି ରଖିବା ପରେ ସେମାନଙ୍କଠାରେ କିଛି ଲକ୍ଷଣ ଦେଖା ନଯିବାରୁ ଫାୟାରିଂ ଲାଇନ୍‌କୁ ପଠାଇବା ପାଇଁ ନିଷ୍ପତ୍ତି ନିଆଯାଏ । ଷ୍ଟେସନ୍‌କୁ ଯିବା ପରେ ସେମାନେ ଦେଖନ୍ତି ସେମାନଙ୍କ ଯାତ୍ରା ପାଇଁ ସେଠାରେ କେବଳ ମାଲଗାଡ଼ିଟିଏ ଠିଆ ହୋଇଅଛି । ତହିଁରେ ଚଢ଼ିବା ପାଇଁ ସମସ୍ତଙ୍କୁ ଆଦେଶ ଦିଆଯାଏ । ପୂର୍ବରୁ ସେଗୁଡ଼ିକରେ ଘୋଡ଼ାମାନଙ୍କୁ ନିଆଯାଇଥିବାରୁ ଡବାଗୁଡ଼ିକ ଥାଏ ଖୁବ୍ ଅପରିଷ୍କାର । ମଳମୂତ୍ର ଯୋଗୁଁ ଦୁର୍ଗନ୍ଧରେ ନାକ ଫାଟିଯିବା ଭଳି ଅବସ୍ଥା । ପୁଣି ଡବାଗୁଡ଼ିକ ମାଲ୍ ପରିବହନ ପାଇଁ ଉଦ୍ଦିଷ୍ଟ ହୋଇଥିବାରୁ ନା ସେଥିରେ ଅଛି ଆଲୋକ ବ୍ୟବସ୍ଥା ନା ପବନ ଆତଯାତ ହେବାପାଇଁ ଝରକା । ପ୍ରବେଶ ପଥରେ ଥିବା କବାଟଟିକୁ ତଳପଟୁ ଅଧା ବନ୍ଦ କରି ଉପର ଫାଙ୍କା ରଖାଯାଇଥାଏ ପବନ ଯିବା ଆସିବା ପାଇଁ । ତାହାରି ଭିତରେ ଆପଣା ଜିନିଷପତ୍ର ରଖି ସିପାହୀମାନେ କାନମୁଣ୍ଡ ଆଉଁଶି ବସିପଡ଼ନ୍ତି । ଆଗାମୀ ତିନିଦିନର ଯାତ୍ରା ବେଳେ ଖାଇବା ପାଇଁ ସେମାନଙ୍କୁ ପୁରି ଓ ଖୁରୁମା ପ୍ୟାକେଟ୍ କରି ଦିଆହୋଇଥାଏ । ଭୋକ ହେଲେ ତାକୁ ଖାଇବେ ସିନା ହେଲେ ଝାଡ଼ା ପରିସ୍ରା ଲାଗିଲେ ଯିବେ କୋଉଠିକୁ ? ତାହାର କିଛି ବ୍ୟବସ୍ଥା ନଥାଏ ସେଇ ଡବାଗୁଡ଼ିକରେ । ଅବସ୍ଥା ଅସମ୍ଭାଳ ହେଲେ କବାଟ ଖୋଲି ବାହାରକୁ ଝୁଲିପଡ଼ି କାମ ସାରିବାକୁ ହୁଏ । ପଡ଼ିଯିବାର ଆଶଂକା କରି ଦୁଇଜଣ ଲେଖା ଭିତରୁ ଭିଡ଼ି ଧରିଥାନ୍ତି ହାତ । ପ୍ରତ୍ୟେକ ଡବାରେ ଏତେ ସିପାହୀଙ୍କୁ ଖୁନ୍ଦି ଖୁନ୍ଦି ଭର୍ତ୍ତି କରାଯାଇଥାଏ ଯେ ତା' ଭିତରେ ନିଃଶ୍ୱାସ ନେବା ବି ହୋଇପଡୁଥାଏ କଷ୍ଟକର ।

ସେଇ ଅସ୍ୱାସ୍ଥ୍ୟକର ପରିବେଶରେ ସେମାନଙ୍କର ରେଳଯାତ୍ରା କିଛି ଘଣ୍ଟାର ନଥିଲା । ତିନିଦିନ ପରେ ମଧ୍ୟ ସେମାନେ ତାଙ୍କ ଲକ୍ଷ୍ୟସ୍ଥଳରେ ପହଞ୍ଚି ପାରନ୍ତି ନାହିଁ । ଗୋଟିଏ ଗୋଟିଏ ଷ୍ଟେସନ୍‌ରେ ଘଣ୍ଟା ଘଣ୍ଟା ଅଟକି ରହୁଥିଲା ତାଙ୍କ ଗାଡ଼ି । ସେଇଟା ପୁଣି ପ୍ଲାଟଫର୍ମରେ ନୁହେଁ, ଷ୍ଟେସନ୍‌ଠୁଁ ଟିକିଏ ଦୂରରେ ନିଛାଟିଆ ଜାଗାରେ । ଗାଡ଼ିରୁ କାହାକୁ ଓହ୍ଲାଇବା ପାଇଁ ବାରଣ କରାଯାଇଥାଏ । ସେପଟୁ ଗୋଟେ ପରେ ଗୋଟେ ଗାଡ଼ି ଫାୟାରିଂ ଲାଇନ୍‌ରୁ ଆସୁଥାଏ । ତହିଁରେ ଥାଆନ୍ତି ଯୁଦ୍ଧରେ ଆହତ ହୋଇଥିବା ତଥା ବିଷାକ୍ତ ଗ୍ୟାସ୍ ପ୍ରୟୋଗ ଯୋଗୁଁ ଅନ୍ଧ ହୋଇଯାଇଥିବା ସୈନିକ । ଚନ୍ଦ୍ରସିଂହଙ୍କ ଟ୍ରେନ୍ ଅଟକି ଅଟକି ଯାଉଥିବାରୁ ସେମାନଙ୍କୁ ଦିଆଯାଇଥିବା ଖୋରାକ ତିନିଦିନ ଭିତରେ ସରିଯାଏ । ପାଖରେ ଆଉ କିଛି ନଥାଏ ଖାଇବା ପାଇଁ । ଏପଟେ କଡ଼ା ନିର୍ଦ୍ଦେଶ ଟ୍ରେନ୍‌ରୁ କୌଣସି ପରିସ୍ଥିତିରେ ବି ନ ଓହ୍ଲାଇବା ପାଇଁ । ଆଗାମୀ ଦୁଇଦିନ ସେମାନେ ଖାଡ଼ା ଓପାସ ରହନ୍ତି । ସେଠିକାର ଷ୍ଟେସନ୍‌ଗୁଡ଼ିକରେ ଆମ ଦେଶ ଭଳି ପୁରି ଓ ହାଲୁଆ ତ ମିଳେନି, ମିଳେ ଚା', ବିସ୍କୁଟ୍, କଫି ତଥା ବିଭିନ୍ନ ପ୍ରକାର ଫଳ । ଟ୍ରେନ୍ ଷ୍ଟେସନ୍‌ରେ ଅଟକିଲେ ସିନା ସେମାନେ ପ୍ଲାଟଫର୍ମରୁ କିଛି କିଣି ଖାଆନ୍ତେ, ଟ୍ରେନ୍‌ତ ଅଟକୁଛି ନିଛାଟିଆ ଜାଗାରେ । ତେଣୁ କିଛି କିଣିକରି ଖାଇବା ବି ସମ୍ଭବ ହୁଏନି । ସିପାହୀମାନଙ୍କୁ ସେଠିକା ସ୍ଥାନୀୟ ଫରାସୀ ଭାଷା ବି ଜଣା ନଥାଏ । ସେମାନଙ୍କ ଭିତରୁ ଅନେକ ତ ଇଂରାଜୀ ସୁଦ୍ଧା ଜାଣି ନଥାନ୍ତି । ସ୍ଥାନୀୟ ଲୋକ କାହାକୁ ପଠାଇ ପ୍ଲାଟଫର୍ମରୁ କିଛି ଖାଦ୍ୟ କିଣାଇବା ବି ହୋଇପାରେନି । ଫୌଜ୍ ଚାକିରି ତଥା ବିଦେଶ ବୁଲିବା ନିଶା ଫାଙ୍କିଯାଏ ଦୁଇଦିନ ଯାଏଁ ଭୋକରେ ଆଉଟୁ ପାଉଟୁ ହୋଇ । ଯାତ୍ରା ଆରମ୍ଭର ପଞ୍ଚମ ଦିନ ହଠାତ୍ ଟ୍ରେନ୍‌ର ଇଞ୍ଜିନ୍ ଖରାପ୍ ହୋଇଯାଏ ଗୋଟିଏ ଗାଁ ପାଖରେ । ଟ୍ରେନ୍ ଲାଇନ୍ କଡ଼କୁ ଥିବା କ୍ଷେତଗୁଡ଼ିକରେ ଶାଲ୍‌ଗମ୍ ଚାଷ ହୋଇଥିବା ଦେଖି ସିପାହୀମାନେ ଖୁବ୍ ଖୁସି ହୋଇଯାଆନ୍ତି । ଇଞ୍ଜିନ୍ ଖରାପ୍ ହେବାଟା ମା' କାଳୀଙ୍କ ସେମାନଙ୍କ ପ୍ରତି ବରଦାନ ଭଳି ଲାଗେ । କିଛି ବାରଣ ନମାନି ଟ୍ରେନ୍‌ରୁ ଖପ୍‌ଖାପ୍ ଡେଇଁ ସେମାନେ ପଶିଯାଆନ୍ତି ଶାଲ୍‌ଗମ୍ କ୍ଷେତରେ । ଇଂରେଜ୍ ଅଫିସର୍ ସିପାହୀଙ୍କର ଏଭଳି ନିୟମଭଙ୍ଗକୁ ଆଦୌ ସହି ନପାରି ବାରମ୍ବାର ସିଟି ବଜାଉଥାନ୍ତି ହେଲେ ତାଙ୍କ ସିଟି ଅପେକ୍ଷା ପେଟର ସିଟି ଅଧିକ ଉଚ୍ଚ ସ୍ୱରରେ ବାଜୁଥିବାରୁ କେହି ଅଫିସରଙ୍କ ବାରଣକୁ କର୍ଣ୍ଣପାତ ସୁଦ୍ଧା କରନ୍ତି ନାହିଁ । ଶାଲ୍‌ଗମ୍ କ୍ଷେତ ଦେଇ ସେମାନେ ଗାଁରେ ପଶନ୍ତି । ତାହା ସେଓ ନାସ୍‌ପାତି ଇତ୍ୟାଦି ଫଳର ମାସ ହୋଇଥିବାରୁ ପ୍ରତ୍ୟେକ ଗଛ ନଇଁ ପଡ଼ିଥାଏ ଫଳଭାରରେ । ହନୁମାନଙ୍କ ଅବତାର ଭଳି ସେମାନେ ଗଛଗୁଡ଼ିକ ନଣ୍ଡା କରି ପକାନ୍ତି ଦଶ ପନ

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର
ରବିବାର, ୨୬ ମାର୍ଚ୍ଚ, ୨୦୨୩

ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ
ସୃଜନର ସୁରମ୍ୟ ସମ୍ଭାର

email : rabibarachayan2015@gmail.com

ଆ ଲୋ ଚ ନା

ପ୍ରଗତିଶୀଳ ସାହିତ୍ୟର ଆବଶ୍ୟକତା

ଅଧ୍ୟାପକ ଗୋପବନ୍ଧୁ

ବିଶ୍ୱ ସାମାଜିକ ସଂଗ୍ରାମର ଇତିହାସରେ ଯେ କୌଣସି ବିପ୍ଳବର ସଫଳତା ପଛରେ ମୁଖ୍ୟ ଭୂମିକା ଗ୍ରହଣ କରିଆସିଛି ସାହିତ୍ୟ। ଇଉରୋପର ରେନାଁସା ଠାରୁ ଆରମ୍ଭ କରି ଫରାସି ବିପ୍ଳବ ପର୍ଯ୍ୟନ୍ତ, ଯୁକ୍ତରାଷ୍ଟ୍ର ଆମେରିକାରେ ଦାସତ୍ୱ ପ୍ରଥା ବିରୋଧୀ ଆନ୍ଦୋଳନ ଠାରୁ ଆରମ୍ଭ କରି ଦକ୍ଷିଣ ଆଫ୍ରିକାର ବର୍ଣ୍ଣବୈଷମ୍ୟବାଦ ବିରୋଧି ଆନ୍ଦୋଳନ ପର୍ଯ୍ୟନ୍ତ, ରୁଷିଆର ବୋଲଶେଭିକ୍ ଆନ୍ଦୋଳନ ଠାରୁ ଆରମ୍ଭ କରି ଚିନର କୃଷକ ଆନ୍ଦୋଳନ ପର୍ଯ୍ୟନ୍ତ, ସମସ୍ତ କ୍ଷେତ୍ରରେ ସାହିତ୍ୟର ଭୂମିକା ସର୍ବାପେକ୍ଷା ଅଧିକ। କାରଣ ସାହିତ୍ୟ ହିଁ ବିପ୍ଳବର ବାର୍ତ୍ତାକୁ ପୂରପଲ୍ଲୀରେ ପହଞ୍ଚାଇବାକୁ ସବୁଠାରୁ ସହଜ ଓ ପ୍ରଭାବଶାଳୀ ମାଧ୍ୟମ। ଏହାହିଁ ସୃଷ୍ଟିକରେ କୌଣସି ବିପ୍ଳବର ସାମାଜିକ ପୃଷ୍ଠଭୂମି। ବର୍ତ୍ତମାନର ପରିପ୍ରେକ୍ଷୀରେ ସମାଜିକ ଗଣମାଧ୍ୟମର ବହୁଳ ପ୍ରସାର ସାହିତ୍ୟର ଗତିକୁ ଆହୁରି ତୀବ୍ରତର କରିଛି। ପୁସ୍ତକ ରୂପରେ ମୁଦ୍ରଣ ସଙ୍କୁଚିତ ହୋଇଥିଲେ ବି ଗଣମାଧ୍ୟମ ଏହାର ଅଭାବକୁ ଅନେକ ମାତ୍ରାରେ ପୂରଣ କରୁଛି।

ଭାରତବର୍ଷରେ ଏକ ସଫଳ ସାମାଜିକ ବିପ୍ଳବ ଜରିଆରେ ଜାତିବାଦ ଓ ଧାର୍ମିକ ମୌଳବାଦର ଧ୍ୱଂସସାଧନ କରି ସମାନତା ଓ ଯୁକ୍ତିଯୁକ୍ତତା ଉପରେ ପ୍ରତିଷ୍ଠିତ ଏକ ନୂତନ ସମାଜର ସଂସ୍ଥାପନ ପାଇଁ ପ୍ରଗତିଶୀଳ ଓ ସଂସ୍କାରବାଦୀ ସାହିତ୍ୟ ସୃଷ୍ଟିର ଆବଶ୍ୟକତା ରହିଛି। ଯେଉଁ ସାହିତ୍ୟ ଜାତିବାଦର ମୂଳତତ୍ତ୍ୱ ଉଚ୍ଚନୀଚ ଭେଦଭାବ, ଘୃଣାଦ୍ୱେଷଭାବ, ପାତରଅନ୍ତରଭାବ ବିରୁଦ୍ଧରେ ଜନଜାଗରଣ ସୃଷ୍ଟି କରିବା ପାଇଁ ଉଦ୍ଦିଷ୍ଟ ହୋଇଥିବ। ଏହା ସହିତ ନିର୍ଭୀକଭାବେ ଧାର୍ମିକ ପାଖଣ୍ଡବାଦର ମୁଖା ଖୋଲି ପାରୁଥିବ। ଯେଉଁ ସାହିତ୍ୟ ଜନସାଧାରଣଙ୍କୁ ଅନ୍ଧବିଶ୍ୱାସ ଓ କୁସଂସ୍କାରରୁ ମୁକ୍ତି ହେବାପାଇଁ ବୌଦ୍ଧିକ ଖୋରାକ ଯୋଗାଉଥିବ। ବୌଦ୍ଧିକ ଦାସତ୍ୱରୁ ମୁକୁଳିବାର ମାର୍ଗ ଦର୍ଶନ କରୁଥିବ। ବୈଜ୍ଞାନିକ ଚେତନାର ବିକାଶ ସହିତ ମାନବିକତା ଓ ନୈତିକତା ଉପରେ ପ୍ରତିଷ୍ଠିତ ଏକ ନୂତନ ଉତ୍କର୍ଷ ସମାଜର ସମ୍ଭାବନାକୁ ଅଙ୍କୁରିତ କରୁଥିବ।

ଦୁଃଖର କଥା ଭାରତବର୍ଷ ତଥା ଓଡିଶାରେ ଏପରି ପ୍ରଗତିଶୀଳ ଓ ବିପ୍ଳବୀଧର୍ମୀ ସାହିତ୍ୟର ପ୍ରସାର ଆଶାନୁରୂପେ ହୋଇପାରି ନାହିଁ। ବିଭିନ୍ନ ସମୟରେ ବିଭିନ୍ନ କ୍ଷେତ୍ରରେ କାଁ ଭାଁ ଭାବେ ବିକ୍ଷିପ୍ତ ବିପ୍ଳବୀ ସାହିତ୍ୟ ସୃଷ୍ଟି ହୋଇଛି ସତ୍ୟ, କିନ୍ତୁ ଏଗୁଡ଼ିକ ସୁଦୂର ପ୍ରସାରୀ ପ୍ରଭାବ ପକାଇ ପାରି ନାହିଁ। ଏହା ପୂର୍ବ ସାମାଜିକ ଓ ଏହାକୁ ନେଇ ଗଢିଉଠିଥିବା ବୌଦ୍ଧିକ ଭିତ୍ତିଭୂମିକୁ ଦୋହଲାଇ ପାରି ନାହିଁ। ଫଳରେ ଏପରି ସାହିତ୍ୟ ଗୋଟିଏ ସଫଳ ଗଣବିପ୍ଳବ ତିଆରି କରିବାରେ ସଫଳ ହୋଇପାରି ନାହିଁ। ବିପ୍ଳବୀ ସାହିତ୍ୟ ସୃଷ୍ଟିର ଯେଉଁ ଟିକକ ବି ପ୍ରୟାସ ହୋଇଛି ତାହା ଜାତିବାଦୀ ଓ ପାଖଣ୍ଡବାଦୀ ସାହିତ୍ୟର ଦୃଢ଼ ବେଷ୍ଟନୀ ମଧ୍ୟରେ ହଜିଯାଇଛି। ତେଣୁ ଏହା ସ୍ପଷ୍ଟ ଯେ ଅଦ୍ୟାବଧି ସାମାଜିକ ବିପ୍ଳବର ଭିତ୍ତିଭୂମି ତିଆରି ହୋଇପାରି ନାହିଁ। ତେବେ ଏହା ଦାନା ବାନ୍ଧୁଥିବାର ପ୍ରତୀୟମାନ ହେଉଛି।

ଅତୀତରେ ବହୁ ମହାମନୀଷୀ ସଂସ୍କାରବାଦୀ ଓ ପ୍ରଗତିଶୀଳ ସାହିତ୍ୟ ସୃଷ୍ଟି କରିବାକୁ ପ୍ରୟାସ କରିଛନ୍ତି। କିନ୍ତୁ ଏମାନେ ଜାତିବାଦ ଓ ପାଖଣ୍ଡବାଦର କବଚକୁ ଛିଦ୍ର କରିପାରି ନାହାଁନ୍ତି। ଏହାର କାରଣ ହେଉଛି ଏବେବି ଦେଶରେ ଜାତିବାଦୀ ଓ ମୌଳବାଦୀ ସାହିତ୍ୟ ପ୍ରଧାନ୍ୟ ବିସ୍ତାର କରି ରହିଛି। ବ୍ୟବସ୍ଥାର ପରିବର୍ତ୍ତନ ପାଇଁ ଲେଖନୀ ଚାଳନା ହେଉନାହିଁ। ବିଭେଦଭରା ସମାଜର ସ୍ଥିତାବସ୍ଥାକୁ ବଜାଇ ରଖିବାକୁ ସାହିତ୍ୟିକଙ୍କ ମଧ୍ୟରେ ପ୍ରତିଯୋଗିତା ଚାଲିଛି। ସଂଖ୍ୟାଧିକ ଲେଖନୀ ପୋଥିପୁରାଣର ପ୍ରାଚୀନ ବିଚାରକୁ ପରିବ୍ୟାପ୍ତ କରିବା ପାଇଁ ଉଦ୍ଦିଷ୍ଟ। ଏଥିରେ ନୂତନତାର ଛାପ ନଥାଏ। ସାହିତ୍ୟିକମାନେ ବିଭିନ୍ନ ଧର୍ମଗ୍ରନ୍ଥରେ ଯାହା ବର୍ଣ୍ଣନା କରାଯାଇଛି ତାକୁ ହିଁ ଫେଣେଇବାରେ ବ୍ୟସ୍ତ। ସମାଜରେ ପ୍ରଗତିଶୀଳ ଚେତନା ଆଣିବା ଦିଗରେ ଏମାନେ ଅକ୍ଷମ। ତଥାପି ଏମାନେ ସାହିତ୍ୟିକ। କାହିଁ କେତେ ପୁରସ୍କାର ଓ ସମ୍ମାନ ଏମାନଙ୍କ ଉପରେ ଅଜଡା ଯାଏ। ଯେହେତୁ ଏମାନେ ସାହିତ୍ୟ ମାଧ୍ୟମରେ ପ୍ରଗତିଶୀଳ ଚେତନାର ପ୍ରସାରକୁ ପ୍ରତିରୋଧ କରନ୍ତି। ସାମାଜିକ ବିପ୍ଳବକୁ ଅଟକାନ୍ତି ଓ ସ୍ଥିତାବସ୍ଥାକୁ ବଜାଇ ରଖନ୍ତି।

ସମାଜର ବ୍ୟବସ୍ଥାଗତ ତ୍ରୁଟି ଜଣେ ସାହିତ୍ୟିକ ଯଦି ଦେଖିପାରିବ ନାହିଁ, ତେବେ ଆଉ କାହା ପାଖରୁ ଏହା ଆଶା କରାଯାଇ ପାରେ। ସାହିତ୍ୟକୁ ସମାଜର ଦର୍ପଣ ବୋଲି କୁହଯାଏ। ଏହା କେବଳ ସମସାମୟିକ ସାମାଜିକ ସ୍ଥିତିକୁ ଉଦ୍ଭାସିତ କରେ ତାହା ନୁହେଁ, ଏହା ସହିତ ଯେଉଁ ଅଭାବ ଅସୁବିଧା ରହିଛି ତାହାର ମଧ୍ୟ ସମାଧାନର ମାର୍ଗ ଦର୍ଶନ କରେ। ଜଣେ ସାହିତ୍ୟିକର ଗଭୀର ଚିନ୍ତନ ଏପରି ଦିଗଦର୍ଶନ ଦେବାରେ ସହାୟକ ହୁଏ। ଗୋଟିଏ ସମ୍ବେଦନଶୀଳ ହୃଦୟ ଭିତରୁ ଏପରି ସାହିତ୍ୟ ନିସୃତ ହେବା ସ୍ୱାଭାବିକ। ସାହିତ୍ୟ ହେଉଛି ମୁକ୍ତ ଚିନ୍ତନର ପରିପ୍ରକାଶ। ଯେତେବେଳେ ଗୋଟିଏ ଭ୍ରାନ୍ତ ବ୍ୟବସ୍ଥାର ସପକ୍ଷରେ ସାହିତ୍ୟ ସୃଷ୍ଟି କରାଯାଏ, ତାହା ଆଉ ମୁକ୍ତ ଚିନ୍ତନର ପରିଭାଷା ହୁଏ ନାହିଁ। ତାହା ଭ୍ରଷ୍ଟ ବ୍ୟବସ୍ଥା ସହିତ ବୁଝାମଣା ବୋଲି ଧରିନେବାକୁ ହୁଏ। ବର୍ତ୍ତମାନର ପରିପ୍ରେକ୍ଷୀରେ ପୂର୍ବବ୍ୟବସ୍ଥା ସହିତ ବୁଝାମଣା ଭିତ୍ତିରେ ସାହିତ୍ୟର ସୃଜନ ହେଉଛି ବୋଲି ଧରିନେବାକୁ ହେବ।

ଜଣେ ସାହିତ୍ୟିକର ସଫଳତା ସେ କେତେ ପୁରସ୍କାର ପାଇଛି ଓ କେତେ ସମ୍ମାନିତ ହୋଇଛି ତା ଉପରେ ନିର୍ଭର କରେ ନାହିଁ। ତାହାର ସଫଳତା ସେ କେତେ ଲୋକଙ୍କ ହୃଦୟକୁ ଛୁଇଁ ପାରିଛି ଓ ଲୋକଙ୍କ ହୃଦୟରେ କେତେ ସମ୍ବେଦନଶୀଳତାକୁ ଜାଗ୍ରତ କରିପାରିଛି। ସେମାନେ ହେଉଛନ୍ତି ସଫଳ ସାହିତ୍ୟ ସ୍ରଷ୍ଟା ଯେଉଁମାନେ ନିଜର କଲମ ମୁନରେ ବିପ୍ଳବ ସୃଷ୍ଟି କରିପାରିଛନ୍ତି। ଏଠାରେ ହ୍ୟାରିଏଟ୍ ଷ୍ଟୋଙ୍କ 'ଅଙ୍କଲ ଟମସ୍ କ୍ୟାବିନ' ବହିଟି ଉଲ୍ଲେଖ ଯୋଗ୍ୟ। ଯାହା ଯୁକ୍ତରାଷ୍ଟ୍ର ଆମେରିକାରେ ଦାସତ୍ୱ ପ୍ରଥାର ଉଚ୍ଛେଦ ବିରୁଦ୍ଧରେ ହୋଇଥିବା ଆନ୍ଦୋଳନକୁ ମଜଭୁତ କରିବାରେ ସହାୟକ ହୋଇଥିଲା। ଏହାର ଓଡ଼ିଆ ଅନୁବାଦ ହୋଇଛି 'ଟମ୍ କକାଙ୍କ କୁଟୀର' ଇୟୁରୋପରେ ରୁଷୋ, ଭୋଲଟିୟର, ମଣ୍ଟେଷ୍କୁ ପରି ଦାର୍ଶନିକମାନଙ୍କ ବିପ୍ଳବୀ ଲେଖନୀ ଇଉରୋପର ନବଜାଗରଣ ଆନ୍ଦୋଳନକୁ ମଜଭୁତ କରିଥିଲା। ମ୍ୟାକ୍ସିମ୍ ଗୋର୍କିଙ୍କ କାଳଜୟୀ ଲେଖନୀ 'ମଦର' ସେ ସମୟରେ ରୁଷିଆରେ ଚାଲିଥିବା ସାମ୍ୟବାଦୀ ଆନ୍ଦୋଳନକୁ ଖୋରାକ୍ ଯୋଗାଇଥିଲା। ଏହାର ଓଡ଼ିଆ ଅନୁବାଦ ହୋଇଛି 'ମାଁ'। ସେହିପରି ସୁପ୍ରସିଦ୍ଧ ବେଙ୍ଗଲୀ ଲେଖିକାଙ୍କ ତସଲିମା ନସରୀନଙ୍କ ବହୁ ଚର୍ଚ୍ଚିତ ପୁସ୍ତକ 'ଲଜ୍ଜା' ବିପ୍ଳବୀ ସାହିତ୍ୟର ଅନ୍ୟ ଏକ ଦୃଷ୍ଟାନ୍ତ। ଏହିପରି ଅନେକ ଲେଖକ ଓ ଲେଖିକା ପ୍ରଗତିଶୀଳ ସାହିତ୍ୟ ଭଣ୍ଡାରକୁ ସମୃଦ୍ଧ କରିଛନ୍ତି ଏବଂ ବୈପ୍ଳବିକ ପ୍ରେରଣାକୁ ବଞ୍ଚାଇ ରଖିଛନ୍ତି।

ଭାରତବର୍ଷରେ ମଧ୍ୟ ଏପରି କିଛି କାଳଜୟୀ ସାହିତ୍ୟ ସୃଷ୍ଟି ହୋଇଛି ଯାହାର ଲୋକପ୍ରିୟତା ଏବେ ଅନୁଭୂତି ହେଉଛି। ଏଗୁଡିକ ମଧ୍ୟରୁ ମହାତ୍ମା ଫୁଲେଙ୍କ ପୁସ୍ତକ 'ଗୋଲାମଗିରୀ' ଅନ୍ୟତମ। ଯେଉଁଥିରେ ସେ ଜାତି ବ୍ୟବସ୍ଥାରେ ସମାଜର ତଳ ସ୍ତରର ଲୋକମାନେ କିପରି ଦାସତ୍ୱର ଜୀବନ ଯାପନ କରନ୍ତି ତାହାର ନିଖୁଣ ଚିତ୍ର ଉପସ୍ଥାପନ କରିଛନ୍ତି। ରାମସ୍ୱାମୀ ପେରିୟାରଙ୍କ 'ସତ୍ୟ ରାମାୟଣ' ଏବଂ 'ଜାତିସତ୍ତା ଓ ପିତୃପୁରୁଷ' ପରି ତାମିଲ ପୁସ୍ତକ ଜାତିବାଦ ଓ ଧାର୍ମିକ ପାଖଣ୍ଡାବାଦକୁ ଶକ୍ତ ପ୍ରହାର। ସେହିପରି ଡ ଆମ୍ବେଦକରଙ୍କ ରଚିତ 'ଏନିହିଲେଶନ୍ ଅଫ କାଷ୍ଟ' ବା ଜାତିପ୍ରଥାର ବିଲୋପ ବହିଟି ସାମାଜିକ ସଂସ୍କାରର ପ୍ରଭାବଶାଳୀ ସୃଷ୍ଟି। ଯାହା ଜାତିପ୍ରଥା ବିଲୋପର ଯୋଜନାବଦ୍ଧ ମାର୍ଗଦର୍ଶନ କରେ। ଏହାବାଦେ ବି ଆହୁରି କିଛି ବିପ୍ଳବୀ ସାହିତ୍ୟି ସୃଷ୍ଟି ରହିଛି।

ତଥାପି ଭାରତବର୍ଷ ତଥା ଓଡିଶାରେ ପ୍ରଗତିଶୀଳ ଲେଖନୀର ପ୍ରଚୁର ଅଭାବ ରହିଛି। ଏଦିଗରେ ସାହିତ୍ୟିକ ଓ ସାହିତ୍ୟ ଜଗତ ଅନୁଶୀଳନ କରିବା ବିଧେୟ। ଆମ ସମାଜକୁ ଏକ ଉଚ୍ଚତର ସୋପାନକୁ ନେଇଯିବାକୁ ହେଲେ ଏଦିଗରେ ମନନ ଜରୁରୀ। ଯେଉଁମାନେ ବି ଲେଖନୀ ଚାଳନା କରିଛନ୍ତି ସେମାନେ ଏ ଉତ୍ତରଦାୟିତ୍ୱକୁ ଅଣଦେଖା କରିବା ଅନୁଚିତ।

❤ ଦର୍ଶନ ବିଭାଗ, ବାରିପଦା, ମୟୂରଭଞ୍ଜ,
ମୋ: ୭୦୦୮୯୬୬୧୮୦

ସ୍ମୃତିଶତଦଳ

ନାରୀର ଶାଣିତ ସ୍ୱର

ଡା. ସରୋଜିନୀ ଷଡଙ୍ଗୀ
❤ ଲିଙ୍କ୍‌ରୋଡ଼, କଟକ-୧୨
(ମୋ) -୯୪୩୭୦୫୫୦୦୭

(ପୂର୍ବ ପ୍ରକାଶିତ ଉତ୍ତାରୁ)

ନାରୀର ସ୍ୱର ଶାଣିତ ହେଲେ ବି କର୍କଶ ବା' କଠୋର ନୁହେଁ। ତେଣୁ ସାଧାରଣ ସ୍ୱରରେ, ସାଧାରଣ ଭାଷାରେ, ସାଧାରଣ ମାଧୁର୍ଯ୍ୟରେ ତା' କଥା ଗୁଡିକ ମାର୍ଜିତ ଓ ଯୁକ୍ତି ସଂପନ୍ନ ହେବା ଉଚିତ୍ ଏଥି ପାଇଁ ଉପଯୁକ୍ତ ଶିକ୍ଷା ଓ ସଂସ୍କୃତି ଖୁବ୍ ଜରୁରୀ। ତେଣୁ ନାରୀ ସର୍ବାନ୍ତଃ କରଣ ରେ ସାକ୍ଷର ହେବା ଉଚିତ୍।

ଜଣେ ସ୍ତ୍ରୀରୋଗ ଓ ପ୍ରସୂତି ବିଶେଷଜ୍ଞ ହୋଇ ଅନେକ ନାରୀଙ୍କର ନିର୍ଯ୍ୟାତନାର କାହାଣୀ ଅନେକ ଓଠ ତଳେ ଦବି ଯାଇଥିବା ସ୍ୱର ତଥା ଅନେକ ହୃଦୟରେ ହଜିଯାଇଥିବା କରୁଣ ଆର୍ତ୍ତନାଦ ଏବେବି ମୋ ମନକୁ ଦୋହଲାଇ ଦିଏ।

ନୂଆ ବର୍ଷର ପ୍ରଥମ ଦିନର, ପ୍ରଥମ ସକାଳ। ପ୍ରାୟ ୮ଟା ବେଳେ ରୋଗୀ ଦେଖିବା ଆରମ୍ଭ କଲି। ରୋଗୀ ତାଲିକାର ପ୍ରଥମ ସ୍ଥାନରେ ଥାଆନ୍ତି ଅଳ୍ପବୟସ୍କା ତରୁଣୀଟିଏ ଏବଂ ଜଣେ ପୌଢ଼ ଭଦ୍ରବ୍ୟକ୍ତି, ଯିଏ ତାଙ୍କର ପତି। ଭଦ୍ରବ୍ୟକ୍ତିଙ୍କର ବୟସ ୫୦ ରୁ ଉର୍ଦ୍ଧ୍ୱ, ତରୁଣୀଟି ମାତ୍ର ୨୦-୨୨ ବର୍ଷର। ପ୍ରଥମେ ଝିଅଟିକୁ ନାଁ, ଗାଁ, ବୟସ ପଚାରି ସାରିଲା ପରେ ଜଣାପଡିଲା ତା'ର ସମସ୍ୟା ହେଉଛି ବନ୍ଧ୍ୟାଦୋଷ। ଝିଅଟିକୁ ସଂପୂର୍ଣ୍ଣ ପରୀକ୍ଷା କରିସାରିଲା ପରେ ଜଣାପଡ଼ିଲା, ଆପାତତଃ ଝିଅଟିର ସବୁ ଠିକ୍ ଅଛି। ତେବେ ବୟସର ଏ ତାରତମ୍ୟ କାହିଁକି ? ପ୍ରଶ୍ନ କଲି ଭଦ୍ରବ୍ୟକ୍ତିଙ୍କୁ "କ'ଣ ଆପଣ ଡେରିରେ ବିବାହ କଲେ ?" ଭଦ୍ର ବ୍ୟକ୍ତି ବେଶ୍ ଶିକ୍ଷିତ, ସମ୍ଭ୍ରାନ୍ତ ତଥା ଉଚ୍ଚବର୍ଗର ଭଳି ଲାଗୁଥାନ୍ତି। ସଂପ୍ରତି ସାଉଦି ଆରବରେ କାର୍ଯ୍ୟରତ। ତତ୍‌କ୍ଷଣାତ୍ ଉତ୍ତର ଦେଲେ "ଆଜ୍ଞା ମୋ ଭାଗ୍ୟ ଖରାପ। ଇଏ ମୋର ପଂଚମ ପତ୍ନୀ। ପ୍ରଥମ ୪ଜଣଙ୍କ ପିଲାଛୁଆ କିଛି ହେଲେ ନାହିଁ। ତେଣୁ ସେମାନଙ୍କୁ ବିଦାକରି ଦେଲି। କିନ୍ତୁ ଠାକୁର ଏତେ ନିଷ୍ଠୁର, ୨ ବର୍ଷ ହେଲାଣି କିଛି ହୋଇନି।" ଏ ଉତ୍ତର ଶୁଣି ମୁଁ ପ୍ରଥମେ ଦୋହଲିଗଲି। ଚାରିଜଣ ପତ୍ନୀଙ୍କୁ ବିଦା କରିଦେଇ ପଞ୍ଚମ ପତ୍ନୀକୁ ବାହା ହୋଇ ଏତେ ଦମ୍ଭ ?

ଏଥର ମୋର ସିଧା ପ୍ରଶ୍ନ ଭଦ୍ରବ୍ୟକ୍ତିଙ୍କୁ। "ଖାଲି ପତ୍ନୀମାନଙ୍କର ସବୁ ପରୀକ୍ଷା କରାଉଛନ୍ତି ନାଁ ଆପଣଙ୍କର ବି କିଛି ପରୀକ୍ଷା ହୋଇଛି ?" ଚିହିଁକି ଉଠିବାର ପାଳି ଏବେ ତାଙ୍କର। ଉତ୍‌କ୍ଷିପ୍ତ ହୋଇ ସେ କହିଲେ "ଆଜ୍ଞା ସେମିତି କାହିଁକି କହୁଛନ୍ତି ? ମୁଁ ପୁଅ ପିଲା। ମୋର ତ' ସବୁ ଠିକ୍ ଠାକ୍ ଅଛି, ମୁଁ ଏକ୍‌ଦମ ଫିଟ୍‌ଫାଟ୍, ମୋର ପୁଣି କ'ଣ ଓ କାହିଁକି ପରୀକ୍ଷା ହେବ ?" ଖୁବ ବିନୀତ ଭାବରେ ବୁଝାଇ କହିଲି- ବନ୍ଧ୍ୟା ଦୋଷ ହେଲେ ସ୍ୱାମୀ ସ୍ତ୍ରୀ ଉଭୟଙ୍କର ଦେହ ପରୀକ୍ଷା ହେବା ଦରକାର। "ଖାଲି ଗୋଟିଏ ଟେଷ୍ଟ କରାନ୍ତୁ, କେବଳ ଧାତୁ ପରୀକ୍ଷା। ଏଇ ଟେଷ୍ଟ କରିବା ପାଇଁ ବହୁ କଷ୍ଟରେ ସେ ରାଜି ହେଲେ। ଭଦ୍ରବ୍ୟକ୍ତିଙ୍କର ସିମେନ୍ ଆନାଲିସ୍‌ସ ରିପୋର୍ଟ୍‌ରୁ ଜଣାପଡ଼ିଲା ତାଙ୍କର "ଆଜୋସ୍ପର୍ମିଆ" ବା' ଧାତୁରେ ଆଦୌ ଶୁକ୍ରକୀଟ ନାହିଁ, ଅଥଚ ବନ୍ଧ୍ୟାଦୋଷ ପାଇଁ ଓ ବଂଶରକ୍ଷା ପାଇଁ ଚାରିଟି ସ୍ତ୍ରୀଙ୍କୁ ସେ ବଦଳାଇଛନ୍ତି !! ଏ ଯୁଗରେ ମଧ୍ୟ ନାରୀମାନଙ୍କର ଏଭଳି ଅବସ୍ଥା !! ଏବେ ମଧ୍ୟ ବନ୍ଧ୍ୟାଦୋଷର ଷ୍ଟାମ୍ପ କେବଳ ନାରୀମାନଙ୍କ କପାଳରେ ଲାଗୁଛି। ଭଦ୍ରବ୍ୟକ୍ତିଙ୍କୁ ମୁଁ ତୀକ୍ଷଣ ଭାବରେ କହିଲି ଆଜ୍ଞା ଆପଣ ଏଥର ଆଉ ପତ୍ନୀଙ୍କୁ ଡିଭୋର୍ସ ନକରି ନିଜର ଟେଷ୍ଟ କରାନ୍ତୁ ବା' ପୋଷ୍ୟ ସନ୍ତାନ ଗ୍ରହଣ କରନ୍ତୁ।

ଦୁଇହାତରେ ଦୁଇଟି ଝିଅର ହାତଧରି ଗର୍ଭବତୀ ନାରୀଟିଏ ପଶିଆସିଲା ମୋ ପାଖକୁ। ପଛରେ ସ୍ୱାମୀ, ଶାଶୁ, ଶ୍ୱଶୁର। ବୋହୂଟିର ଆକୁଳ ନିବେଦନ- "ମତେ ଭାରି କଷ୍ଟ ହେଉଛି ମ୍ୟାଡ଼ାମ୍ ! ଟିକେ ବିଶ୍ରାମ ଓ ଭଲ ଔଷଧ ଲେଖି ଦିଅନ୍ତୁ। ପ୍ରେସ୍‌କ୍ରିପ୍‌ସନରେ ମଧ୍ୟ ଲେଖି ଦିଅନ୍ତୁ କିଛି ଫଳମୂଳ, ଛେନା, କ୍ଷୀର ଓ ଭଲ ଖାଦ୍ୟ ଖାଇବା ପାଇଁ।" ଖାଲିରେ କ'ଣ ବୋହୂଟିକୁ ଖାଇବାକୁ ମିଳେନି, ତା' ପାଇଁ ପ୍ରେସକ୍ରିପ୍‌ସନ ଲେଖିଲେ ହିଁ ତାକୁ ଖାଇବାକୁ ମିଳେ ?

ଆଜି ନାରୀ ଯଥେଷ୍ଟ ପରିମାଣରେ ସ୍ୱାଧୀନତା ପାଇଛି, ନାରୀ ସଶକ୍ତିକରଣ ପରେ ସେ ଅନ୍ତତଃ ନିଜ ମତବ୍ୟକ୍ତ କରିବାର ଅଧିକାର କିଛିଟା ହାସଲ କରିଛି। ସମୟ ସହିତ ତାଳ ଦେଇ ସେ କିଛି ପରିମାଣରେ ଶିକ୍ଷିତା, ମାର୍ଜିତା ଓ ପରିବର୍ତ୍ତିତା ମଧ୍ୟ ହୋଇଛି। ଜୀବନ ପାଇଁ ନିଜର ଦୃଷ୍ଟିକୋଣ ବଦଳିଛି କିନ୍ତୁ ନାରୀର କାୟମନୋବାକ୍ୟରେ ସେ ସ୍ୱାଧୀନତା ଆସିନାହିଁ। ଅଧିକାଂଶ ଗାଁ ଗହଳର ସ୍ତ୍ରୀଲୋକମାନେ ନିରକ୍ଷରା ବା ଅର୍ଦ୍ଧଶିକ୍ଷିତା, ଯେଉଁମାନଙ୍କର ଆର୍ଥିକ ନିର୍ଭରଶୀଳତା ଏବେ ମଧ୍ୟ ରହିଛି। ଯେତେଦିନ ପର୍ଯ୍ୟନ୍ତ ନାରୀର ଆର୍ଥିକ ସ୍ଥିତି ଦୁର୍ବଳ ରହିଥିବ, ସେତେଦିନ ଯାଏଁ ତାର ସ୍ୱର ଅନୁଚ୍ଚାରିତ ହୋଇ ରହିବ ହିଁ ରହିବ। ପୁରୁଷମାନଙ୍କର ପ୍ରଭୁତ୍ୱ ଭିତରେ ନାରୀର ସ୍ୱର କେବେହେଲେ ଶାଣିତ ଓ ସ୍ପର୍ଦ୍ଧିତ ହୋଇ ପାରିବ ନାହିଁ। ଏହାଛଡ଼ା ସମାଜର କେତେକ ଚିନ୍ତାଧାରା ଏ ଯାଏଁ ବଦଳି ନାହିଁ। ଯଥା ନବଦମ୍ପତିମାନଙ୍କୁ ବିବାହ ବେଳେ "ପୁତ୍ରବତୀ" ହେବାର ଆଶୀର୍ବାଦ। ପୁଅ 'ପୁତ୍' ନାମକ ନରକରୁ ଉଦ୍ଧାର କରିବ, ମୃତ୍ୟୁପରେ ମୁଖାଗ୍ନି ଦେବ ଏବଂ ଶିକ୍ଷିତ ହୋଇ ଉପାର୍ଜନ କରି ପରିବାରକୁ ଭରଣ ପୋଷଣ କରିବ। ଝିଅ ନିଜ ଘରେ ଅଳ୍ପ କିଛିଦିନର ଅତିଥି ଏବଂ ତା'ର ଜନ୍ମ ପରଘରକୁ।

ତେଣୁ ଯେତେଦିନ ଯାଏଁ ନାରୀଟିଏ ନିଜର ଅବରୁଦ୍ଧ ଯନ୍ତ୍ରଣା, ଅସହାୟତା ଓ ସ୍ୱପ୍ନଭଙ୍ଗକୁ ଶବ୍ଦରୂପ ଦେଇ ବ୍ୟକ୍ତ କରିବାର ଅବକାଶ ପାଇ ନପାରିବ, ସେ ସେତିକି ଦିନ ଯାଏଁ ଶୀତଳ, ଶିଥିଳ ଓ ନିର୍ବାକ ହୋଇ ରହିଥିବ। ସାକ୍ଷରତା ଓ ଆର୍ଥିକ ସ୍ଥିତିର ଦୃଢ଼ତା ହିଁ ତଙ୍କୁ ସମାନ ସୁଯୋଗ ପାଇବାର ଅଧିକାର ଆଣିଦେବ।

(କ୍ରମଶଃ)

ଧାରାବାହିକ ଅନୁବାଦ ଉପନ୍ୟାସ-(୧୫)

ମୂଳ ମରାଠୀ :
ଉତ୍ତମ କାମ୍ବଳେ



ଅନୁସୃଜନ:
ନନ୍ଦିତା ମହାନ୍ତି

ମାଆ

(ପୂର୍ବ ପ୍ରକାଶିତ ଉତ୍ତାରୁ)

ମୁଁ ଯାଇ ପୁଣି ଥରେ ଗଡ଼ିପଡ଼ିଲି ବିଛଣାରେ। ମୁଣ୍ଡ ତଳେ ରଖାଯାଇଥିବା ତକିଆକୁ ଠିକ୍ କରୁଥିଲି କି ଫୋନ୍‌ର ଘଣ୍ଟି ପୁଣି ବାଜିବାକୁ ଲାଗିଲା। କ୍ଷଣକ ପାଇଁ ଲାଗିଲା ଫୋନ୍‌ଟାକୁ କେଉଁଠି ଫିଙ୍ଗି ଦେବି କିମ୍ବା ଅଳିଆ ଗଦାରେ ନେଇ ରଖିଦେବି। ଫୋନ୍‌ର ଘଣ୍ଟି ସବୁ ଲୋକଙ୍କୁ, ବିଶେଷତଃ ଛୋଟ ପିଲାମାନଙ୍କର ନିଦଭାଙ୍ଗି ଦେବ... ରାଗିମାଗି ଫୋନ୍ ଉଠେଇଲି ମୁଁ। ସେ ପଟୁ ଆବାଜ୍ ଆସିଲା। ସିଏ କିଛି କହିବା ପୂର୍ବରୁ ହିଁ ମୁଁ କହି ଉଠିଲି, "ଆପଣ ଦେଇଥିବା ସୂଚନା, ଆପଣଙ୍କର ମାଇଁଙ୍କୁ ଜଣେଇ ଦେଇଛି। ସିଏ କହିଲେ କାଲି ସକାଳେ ଫୋନ୍ କରିବ। ଏବେ ସିଏ ଫୋନ୍ ରିସିଭ୍ କରିବାକୁ ଆସି ପାରିବେନି। ସିଏ ଏହା ହିଁ କହିଛନ୍ତି। ଆପଣ ଏବେ ଆଉ ଫୋନ୍ କରନ୍ତୁନି ପ୍ଲିଜ୍।"

ସେପଟୁ କଥା କହୁଥିବା ବ୍ୟକ୍ତି ଜଣକ ଆଉ କିଛି ଶୁଣିବା ପୂର୍ବରୁ ହିଁ ରିସିଭରକୁ କଚାଡି ଦେଲେ। ମୁଁ ବି ଫୋନ୍‌କୁ କଚାଡି ଦେଲି। ମାଆ ଏବେ ବି ହିଁଥ

ଜଳେଶ୍ୱର ବାର୍ ନିର୍ବାଚନ : କୁଞ୍ଜବିହାରୀ ଦାସ ସଭାପତି, ବିଜନ କୁମାର ଦେ ସଂପାଦକ

ଜଳେଶ୍ୱର, ୨୫/୦୩ (ନି.ପ୍ର): ସମଗ୍ର ରାଜ୍ୟରେ ଗୋଟିଏ ଦିନରେ ଓକିଲ ସଂଘର ନିର୍ବାଚନ ହେଉଥିବା ପରିପ୍ରେକ୍ଷୀରେ ଆଜି ଜଳେଶ୍ୱର ବାର୍ ପକ୍ଷରୁ ନିର୍ବାଚନ ଶେଷ ହୋଇଛି । ଏଥିରେ ୧୫୪ ଜଣ ଭୋଟର ଥିବା ବେଳେ ଆଜି ୧୪୮ ଜଣ ସେମାନଙ୍କ ମତସାବ୍ୟସ୍ତ କରିଥିଲେ । ଏଥିରେ ୧୦୮ ଖଣ୍ଡ ଭୋଟ ପାଇ ସଭାପତିଭାବେ କୁଞ୍ଜ ବିହାରୀ ଦାସ, ସଂପାଦକ ଭାବେ ୭୩ଖଣ୍ଡ ଭୋଟ ପାଇ ବିଜନ କୁମାର ଦେ ଏବଂ କୋଷାଧ୍ୟକ୍ଷଭାବେ ୯୦ଖଣ୍ଡ ଭୋଟ ପାଇ ବିନୋଦ କୁମାର ଗିରି ନିର୍ବାଚିତ ହୋଇଛନ୍ତି । ଆଜି ୩ଟି ପଦବି ଲାଗି ନିର୍ବାଚନ ହୋଇଥିବା ବେଳେ ଉପସଭାପତିଭାବେ ଭବନୀ ଶଂକର ଭଂଜ, ଯୁଗ୍ମ ସଂପାଦକ ଭାବେ ସବିତା ସାହୁ, ସହ ସଂପାଦକଭାବେ ଜଗଦିଶ ଚନ୍ଦ୍ର ପାଳ, ପାଠାଗାର ସଂପାଦକଭାବେ ବିରେନ୍ଦ୍ର ନାଥ ମହାନ୍ତି, ସହ ସଂପାଦକଭାବେ ରାମକୃଷ୍ଣ ନନ୍ଦୀ, କାର୍ଯ୍ୟନିର୍ବାହୀ ସଦସ୍ୟଭାବେ ଅଜିତ୍ କୁମାର ସୁର, ଅସୀମ କୁମାର ଦେ, ବିଷ୍ଣୁପଦ ଦାସ ମହାପାତ୍ର, ଲକ୍ଷ୍ମୀନାରାୟଣ ପ୍ରମାଣିକ, ରେଜିଆ ସୁଲତାନା ବେଗମ୍, ସରୋଜ କୁମାର ଭୁୟାଁ ଓ ସ୍ନିଗ୍ଧା ପାଣିଗ୍ରାହୀ ପ୍ରମୁଖ ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଥିବାର ନିର୍ବାଚନ ଅଧିକାରୀ ସେକ୍ ଇସାକ୍ ବେଗ୍ ପ୍ରକାଶ କରିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ଭବାନୀ ଶଂକର ଦେ, ରମାକାନ୍ତ ସାହୁ, ନିର୍ମଳେନ୍ଦୁ ଜେନା ପ୍ରମୁଖ ନିର୍ବାଚନ ପରିଚାଳନା କରିଥିଲେ ।

ଅଟୋ ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

ନୀଳଗିରି, ୨୫/୦୩ (ନି.ପ୍ର): ନୀଳଗିରି ସହରର ବେଶ୍ ଜଣାଶୁଣା ଓ ପଶୁ ପ୍ରେମୀ ଯୁବକ ଜିତେନ୍ଦ୍ର ଦାସ (ଜଟିଆ) (୩୮) ଗତ ଶୁକ୍ରବାର ଦିନ ସକାଳେ ବଜାରକୁ ଆସୁଥିବା ବେଳେ ଏକ ଅଜଣା ଅଟୋ ଧକ୍କା ଦେଇ ଘଟଣାସ୍ଥଳରୁ ଫେରାର ହୋଇ ଯାଇଥିଲା । ସ୍ଥାନୀୟ ଲୋକେ ସଙ୍ଗେ ସଙ୍ଗେ ୧୦୮ ଆମ୍ବୁଲାନ୍‌ସରେ ନୀଳଗିରି ମେଡିକାଲ ଆଣିଥିଲେ । ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ନୀଳଗିରି ଏନ.ଏ.ସି.ର ୨ ନଂ. ୱାର୍ଡ ଘାଟଘରସାହି ଅଂଚଳର ୱନାରଣ ଦାସ ଙ୍କ ୪ର୍ଥ ପୁତ୍ର ହୋଇଥିବା ବେଳେ ଜିତେନ୍ଦ୍ର ଜଣେ ପଶୁ ପ୍ରେମୀ ଭାବେ ବେଶ ଜଣାଶୁଣା ଥିଲେ । ତାଙ୍କର ଏହି ଅକାଳ ବିୟୋଗରେ ଅଂଚଳର ଶୋକର ଛାୟା ଖେଳିଯାଇଛି । ଖବର ପାଇ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ନୀଳଗିରି ବିଧାୟକ ଇଂ. ସୁକାନ୍ତ କୁମାର ନାୟକ, ସମାଜସେବୀ ସବ୍ୟସାଚୀ ମହାପାତ୍ର, ଏନ.ଏ.ସି. ଅଧକ୍ଷା ଅମ୍ବିକା ଦାସ, ଏନ.ଏ.ସି.ର ଏସ.ସି. ସେଲର ଅଧକ୍ଷ ଶରତ ଦାସ, ୬ନଂ. ୱାର୍ଡ କାଉନସିଲର ପ୍ରତାପ ସେଠୀ, ସମେତ ବହୁ ସାମ୍ବାଦିକ ମରଶରୀରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇବା ସହ ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ ।

ବିଳମ୍ବିତ ରାତିରେ ଅଳଙ୍କାର ଦୋକାନ ତାଲା ଭାଙ୍ଗି ଲକ୍ଷାଧିକ ଟଙ୍କାର ଅଳଙ୍କାର ଚୋରି

ବସ୍ତା, ୨୫/୦୩ (ନି.ପ୍ର): ବସ୍ତା ଥାନା ଅନ୍ତର୍ଗତ ମୁକୁଲିସି ବଜାରରେ ଥିବା ବିଷ୍ଣୁପଦ ପତ୍ର ଙ୍କ ସାଇକୃପା ଗହଣା ଦୋକାନ ରୁ ଗତ କାଲି ବିଳମ୍ବିତ ରାତିରେ କିଛି ଦୁର୍ବୃତ୍ତ ସଟର ତାଲା ଭାଙ୍ଗି ଲକ୍ଷାଧିକ ଟଙ୍କା ର ସୁନା, ରୂପା ଗହଣା ଚୋରି କରି ନେଇଛନ୍ତି । ସୂଚନାରୁ ପ୍ରକାଶ ଶନିବାର ସକାଳେ ଦୋକାନ ସଟରଭଙ୍ଗା ଦେଖି ଶ୍ରୀ ପାତ୍ର ବସ୍ତା ଥାନା ରେ ଅଭିଯୋଗ କରିଥିଲେ । ଖବର ପାଇ ବସ୍ତା ପୁଲିସ ସନ୍ଧାଣି କୁକୁର ସହ ଆସି ଘଟଣା ର ତଦନ୍ତ କରିଥିଲେ ମଧ କିଛି ସୁରାକ ପାଇ ନଥିଲେ । ଏହା ଆଗରୁ ବହୁ ବାର ବ୍ୟାଙ୍କ, ଏଟିମ, ଦୋକାନ ଚୋରି ହୋଇ ଥିଲେ ମଧ ପୋଲିସ ସୁରାକ ପାଇପାରୁନାହି । ତେବେ ଏନେଇ ଏକ ମାମଲା ରୁଜୁକରି ତଦନ୍ତ ଜାରି ରହିଛି ବୋଲି ଏଏସ ଆଇ ବୁଧିରାମ ମୁର୍ମୁ ପ୍ରକାଶ କରିଛନ୍ତି ।

୬୦ନଂ ଜାତୀୟ ରାଜପଥରେ ବାଇକ୍‌କୁ ପିଟାଲା ଅଜଣା ଗାଡି : ୧ ଗୁରୁତର

ଜଳେଶ୍ୱର ୨୫/୩(ନି.ପ୍ର): ଆଜି ଅପରାହ୍ନରେ ବାଲେଶ୍ୱରରୁ ଜଳେଶ୍ୱର ଅଭିମୁଖେ ଆସୁଥିବା ଡବ୍ଲୁବିଏ୨ଜି-୩୭୨୭ ବାଇକରେ ଜଣେ ପୁରୁଷ ଓ ମହିଳା ଆସୁଥିବା ବେଳେ ୬୦ନଂ ଜାତୀୟ ରାଜପଥର ମଧୁବନ ହୋଟେଲ ନିକଟରେ ଏକ ଅଜଣା ଗାଡି ଧକ୍କା ଦେଇ ଆଖିପିଟୁଳାକେ ପଳାଇ ଯାଇଥିଲା । ୨ଜଣ ଆହତ ହୋଇ ୬୦ନଂ ଜାତୀୟ ରାଜପଥରେ ଅସହାୟ ହୋଇ ପଡିଥିବା ବେଳେ ସ୍ଥାନୀୟ ଲୋକେ ସେମାନଙ୍କୁ ଚିକିତ୍ସାଲାଗି ବ୍ୟବସ୍ଥା କରିଥିଲେ ଓ ଉତ୍ତେଜନା ପ୍ରକାଶ ପାଇଥିଲା ।କିନ୍ତୁ ୬୦ନଂ ଜାତୀୟ ରାଜପଥର ଆମ୍ବୁଲାନ୍ସ ଘଟଣାସ୍ଥଳରେ ପହଞ୍ଚି ସେମାନଙ୍କୁ ଚିକିତ୍ସାଲାଗି ବାଲେଶ୍ୱର ନେଇ ଯାଇଛି । ଜଳେଶ୍ୱର ଆଇଆଇସି ରୋଜାଲିନ ବେହେରା ଖବର ପାଇ ଘଟଣାସ୍ଥଳରେ ତଦନ୍ତ ଆରମ୍ଭ କରିଛନ୍ତି ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ....

ରାହୁଲ ଗାନ୍ଧିଙ୍କୁ ଅଭ୍ୟାସ....

ସରନେମ ଥିବା ଲୋକମାନେ ଚୋର କାହିଁକି ? ଏପରି କହି ସେ ସମାଜର ପଛୁଆ ବର୍ଗର ଲୋକଙ୍କୁ ଅପମାନିତ କରିଛନ୍ତି । ସମାଲୋଚନା କରିବାର ଅଧିକାର ଆପଣଙ୍କର ଅଛି । କିନ୍ତୁ ଅପମାନିତ କରିବାର ଅଧିକାର ଆପଣଙ୍କର ନାହିଁ । ବିଜେପି ରାହୁଲଙ୍କ ବୟାନ ବିରୋଧରେ ସମଗ୍ର ଦେଶରେ ବିକ୍ଷୋଭ କରିବ ।" ଏଥିସହ ରାହୁଲ କାହିଁକି ଉପର କୋର୍ଟକୁ ଗଲେ ନାହିଁ ? ସେ କାହିଁକି କୋର୍ଟରୁ ରହିତାଦେଶ ଆଣିଲେ ନାହିଁ ? ମୋଦିଙ୍କ ବିରୋଧରେ ମତ ଦେବା ବେଳେ ସେ ଥରେ ଚିନ୍ତା କରିଥିଲେ କି ବୋଲି ରବି ଶଙ୍କର ପ୍ରସାଦ ପ୍ରଶ୍ନ କରିଛନ୍ତି ।

୨୭ ବର୍ଷରେ ଶୁଖିଯିବ....

ଏହି ସମୟରେ ପୃଥିବୀରେ ମାତ୍ର ୧୦ ପ୍ରତିଶତ ଗ୍ଲାସିୟର ରହିଛି । ଗ୍ଲୋବାଲ ୱାର୍ମିଂ ଯୋଗୁ ଦ୍ରୁତ ଗତିରେ ଏହା ହ୍ରାସ ହେବାରେ ଲାଗିଛି । ପ୍ରତ୍ୟେକ ବର୍ଷ ଆଣ୍ଟାର୍କଟିକାରେ ୧୫ଶହ କୋଟି ଟନ ବରଫ ତରଳିବାରେ ଲାଗିଛି । ଗ୍ରୀନଲାଣ୍ଡରେ ୨୭ ଶହ କୋଟି ଟନ ବରଫ ତରଳିବାରେ ଲାଗିଛି । ଏହି ଦୁଇଟି ସ୍ଥାନ ପରେ ସବୁଠାରୁ ଅଧିକ ବରଫ ହିମାଳୟରେ ରହିଛି । ତେବେ ଏହା ଏବେ ତରଳିବାରେ ଲାଗିଛି । ଏସିଆ ମହାଦେଶରୁ ହିମାଳୟରୁ ବାହରୁଥିବା ୧୦ଟି ପ୍ରମୁଖ ନଦୀ ଜଳ ଯୋଗାଉଛନ୍ତି । ପାଖପାଖି ୧୩୦ କୋଟି ଲୋକ ପାଣି ପିଇବା ପାଇଁ ନଦୀର ଜଳକୁ ବ୍ୟବହାର କରୁଛନ୍ତି । ବିଶେଷ କରି ଗଙ୍ଗା, ସିନ୍ଧୁ, ବ୍ରହ୍ମପୁତ୍ର ନଦୀର ଜଳସ୍ତର ଉପରେ ତାପମାତ୍ରା ବୃଦ୍ଧିର ପ୍ରଭାବ ପଡୁଛି । ଏହାଛଡା ଯଦି ଅଧିକ ଗ୍ଲାସିୟର ତରଳେ ତେବେ ପାକିସ୍ତାନ ଏବଂ ଚୀନରେ ବନ୍ୟା ପରିସ୍ଥିତି ସୃଷ୍ଟି ହେବ । ୨୦୫୦ ଅର୍ଥାତ ଆଗାମୀ ୨୭ ବର୍ଷ ମଧ୍ୟରେ ଶୁଖିଯିବ ଦେଶର ପ୍ରମୁଖ ନଦୀ ! ଏଭଳି ଚେତାବନୀ ଆସିବା ପରେ ନିହାତି ପ୍ରଶ୍ନ ଉଠୁଛି କାହିଁକି ? କହିରଖିବାକୁ ଚାହୁଁବୁ ଯେ ଗଙ୍ଗା ଦେଶର ଏକ ପ୍ରମୁଖ ନଦୀ । ଏହା ପ୍ରାୟ ୨୫ ଶହ କିଲୋମିଟର ଯାଏ ବ୍ୟାପିଛି । ୪୦ କୋଟି ଲୋକ ଏହାର ଜଳ ପାଇଁ ଉପକୃତ ହେଉଛନ୍ତି । ଏଥିରେ ଗଙ୍ଗୋତ୍ରୀ ଗ୍ଲାସିୟର ବି ରହିଛି । ତେବେ ଏହି ଗ୍ଲାସିୟର ଏବେ ବିପଦରେ । ଗତ ୮୭ ବର୍ଷ ମଧ୍ୟରେ ୩୦ କିଲୋମିଟର ଲମ୍ବା ଗ୍ଲାସିୟର ମଧ୍ୟରୁ ଅନେକ ପରିମାଣର ଗ୍ଲାସିୟରର ଅଂଶ ତରଳିସାରିଛି । ଭାରତର ହିମାଳୟ କ୍ଷେତ୍ରରେ ୯୫୭୫ ଗ୍ଲାସିୟର ରହିଛି । ଏଥିରେ ୯୬୮ ଗ୍ଲାସିୟର କେବଳ ଉତ୍ତରାଖଣ୍ଡରେ ରହିଛି । ଗଙ୍ଗା, ଘାଘରା, ମନ୍ଦାକିନୀ, ସରସ୍ୱତୀ ଭଳି ନଦୀ ଭାରତର କ୍ଷେତ୍ରୀୟ ଅଞ୍ଚଳକୁ ଜଳ ଯୋଗାଉଛନ୍ତି ଏହା ଦ୍ୱାରା ଚାଷ କାମ ବି ହେଉଛି । ତେବେ ଯେଉଁଭଳି ଭାବେ ତାପମାତ୍ରା ବୃଦ୍ଧି ହେଉଛି ତାର ପ୍ରଭାବ ନଦୀର ଜଳସ୍ତର ଉପରେ ପଡୁଛି । ବିଭିନ୍ନ ନଦୀର ଜଳସ୍ତର ହ୍ରାସ ହେବାରେ ଲାଗିଛି । ନଦୀକୁ ଜଳ ଯୋଗାଉଥିବା ଗ୍ଲାସିୟର ନଷ୍ଟ ହେବାରେ ଲାଗିଛି ଯାହା ଫଳରେ ଜଳ ପ୍ରବାହ ହ୍ରାସ ପାଉଛି ।

ପଶ୍ଚିମା ବର୍ଷା ଓ କୁଆପଥର ମାଡରେ କ୍ଷତିଗ୍ରସ୍ତ ଚାଷୀଙ୍କୁ ସହାୟତା ଦାବି କଲା କୃଷକ ସଭା

ଜଳେଶ୍ୱର, ୨୫/୩(ନି.ପ୍ର): ପଶ୍ଚିମା ଝଡବର୍ଷା ଓ କୁଆପଥର ମାଡରେ ଜଳେଶ୍ୱର ବ୍ଲକ ଅଂଚଳରେ ବ୍ୟାପକ କ୍ଷତି ହୋଇଥିବା ବେଳେ କ୍ଷତିପୂରଣ ଦେବାପାଇଁ ଆଜି କୃଷକ ସଭା ଦାବି କରିବା ସହ ତହସିଲଦାରଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛି । ୧୫ ଦିନ ମଧ୍ୟରେ କ୍ଷତିଗ୍ରସ୍ତ ଚାଷୀଙ୍କୁ ସହାୟତା ନ ଗଲେ ବ୍ୟାପକ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ଦର୍ଶା ଯାଇଛି । ଜଳେଶ୍ୱର ବ୍ଲକର ନଦୀକୂଳ ପଂଚାୟତ ଗୁଡିକରେ ବ୍ୟାପକ ରବି ଧାନ ଓ ପରିବାଚାଷ ଏବଂ ଚିନାବାଦମ ପରି ଅର୍ଥକାରୀ ଫସଲ ଚାଷ ହୋଇଥିଲା । ବ୍ଲକର ମାକିଡିଆ, ଦକ୍ଷିପ୍ରହରାଜପୁର, ଓଲମରା, ଶ୍ରୀରାମପୁର, ଖୁଦିଆମାଝିସାହି, ଶିଖରପୁର, ଗୋବରଘଟା, ଲକ୍ଷ୍ମଣନାଥ, ଜଳେଶ୍ୱର ମ୍ୟୁନିସିପାଲଟି, ରାଜପୁର, ମହମ୍ମଦନଗରପାଟଣା, ରାୟାଁରାମଚନ୍ଦ୍ରପୁର, କୋଟସାହି, ପଶ୍ଚିମବାର୍ଡ, ବାଇଗଣବାଡିଆ, ଗଡସାହି ବାଲିଆପାଳ ଓ ପାଇକସିବା, ଝାଡପିମ୍ପଳ ପଂଚାୟତରେ ବ୍ୟାପକ ରବିଚାଷ ହୋଇଥିଲା । ପ୍ରାୟ ୩ହଜାର ହେକ୍ଟର ଜମିରେ ବିଭିନ୍ନ ରବି ଫସଲ ଓ ୬ ହଜାର ହେକ୍ଟର ଜମିରେ ରବିଧାନଚାଷ ହୋଇଥିଲା । ଧରକରକ କରି ମଜାଜନି ସୂଧରେ ଚାଷୀମାନେ ଚାଷ କରିଥିବା ବେଳେ ବର୍ଷା ଝଡ ଓ କୁଆପଥର ମାଡରେ ତରବୁଜ, ଟମାଟୋ, କଖାରୁ, ପୋଟଳ, ମୁଗ, ବିରି, ସୁରିଷ, କାକୁଡି, ଭେଣ୍ଡି, ଝୁଡଙ୍ଗ ଇତ୍ୟାଦି ଚାଷ ନଷ୍ଟ ହୋଇଥିବାରୁ ଚାଷୀ ଆଖିରୁ ଲୁହ ଝରୁଛି । ଏ ସଂପର୍କରେ କୃଷି ବିଭାଗ କେତେକ ରିପୋର୍ଟ ସରକାରଙ୍କୁ ଜଣାଇଥିବା ବେଳେ ହାତ ଟେକିଦେଇ ବସିଛି । ଜଳେଶ୍ୱର ବ୍ଲକର କୃକେ ସଭାର ଏକ ପ୍ରତିନିଧି ଦଳ ଗୋବରଘଟା ମାଧବପୁର, କୃଷ୍ଣ ନଗର, ଲକ୍ଷ୍ମଣନାଥ, ବିରେଶପୁର, ଗୋପ ଓ ଶାନ୍ତିଆ ଅଂଚଳର ବିଭିନ୍ନ ଅଂଚଳ ବୁଲି ପରିସ୍ଥିତି ଅନୁଧ୍ୟାନ କରିଛନ୍ତି । ଏ ସଂପର୍କରେ ଆଜି କୃଷକ ସଭାର ଦିଲ୍ଲିପ କୁମାର ଗିରି, ସିତାଂଶୁ ସେନାପତି, ବସନ୍ତ ଦାସ, ସଂଗ୍ରାମ ଜେନା, ନିରୋଜ ବେହେରା, ଅଜୟ ପଲାଇ, ଶଶାଙ୍କ ମଣ୍ଡଳ. ଦିନେଶ ଜେନା, ଉତ୍ତମ ପାଳ, ତ୍ରିଲୋଚନ ମହାନ୍ତି, ଗଂଗାଧର ଗିରି, ଶିବ ଚରଣ ମିର୍ଦ୍ଧା, ରାମହରି ଜେନା ପ୍ରମୁଖ କ୍ଷୟକ୍ଷତିର ଆକଳନ ଓ କ୍ଷତିଗ୍ରସ୍ତଙ୍କୁ ସହାୟତା ତଥା ଆଗାମୀ ଦିନରେ ଚାଷୀଙ୍କୁ ମଂଜି, ବିହନ, ସାର, କୀଟନାସକ ଓ ଆର୍ଥିକ ସହାୟତା ଲାଗି ତହସିଲଦାରଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ଆବଶ୍ୟକ ସହାୟତା ନ ମିଳିଲେ କୃଷକ ସଭା ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବ ବୋଲି ଉଲ୍ଲେଖ କରିଛନ୍ତି ।

୧୧ନଂ. ୱାର୍ଡର ବିଭିନ୍ନ ସମସ୍ୟାର ସମୀକ୍ଷା କଲେ ଅଧକ୍ଷାଙ୍କ ପ୍ରତିନିଧି

ନୀଳଗିରି, ୨୫/୦୩ (ନି.ପ୍ର): ନୀଳଗିରି ଏନ.ଏ.ସି.ର ୧୧ନଂ. ୱାର୍ଡର ୱାର୍ଡବାସୀଙ୍କ ବିଭିନ୍ନ ସମସ୍ୟାକୁ ନେଇ ଏନ.ଏ.ସି. ଅଧକ୍ଷାଙ୍କ ପ୍ରତିନିଧି ଶରତ ଦାସ ଏକ ସମୀକ୍ଷା ବୈଠକରେ ଉପସ୍ଥିତ ରହି ଲୋକମାନଙ୍କର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ । ଉକ୍ତ ୱାର୍ଡର କାଉନସିଲରଙ୍କ ପ୍ରତିନିଧି ବିଦ୍ୟାଧର ଖଟୁଆ ମଧ ଉପସ୍ଥିତ ଥିଲେ । ୱାର୍ଡରେ ଥିବା ଡ୍ରେନ ସମସ୍ୟା , ପାନୀୟ ଜଳ ସମସ୍ୟା, ରାସ୍ତାଘାଟ, ରେସନ କାର୍ଡ ଓ ଭତା ବାବଦରେ ୱାର୍ଡବାସୀ ଶରତ ଦାସଙ୍କ ଦୃଷ୍ଟି ଆକର୍ଷଣ କଲା ପରେ ଖୁବ୍ ଶୀଘ୍ର ଏସବୁ ସମସ୍ୟାର ସମାଧାନ କରାଯିବାର ପ୍ରତିଶ୍ରୁତି ଦେଇଥିଲେ। ଅନୁରୂପ ଭାବେ ଏନ.ଏ.ସି. ଅଧକ୍ଷା ଅମ୍ବିକା ଦାସ ୭ନଂ. ୱାର୍ଡର ବାଲିଗୋହିରୀ ପ୍ରାଥମିକ ବିଦ୍ୟାଳୟର ୫ମ ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ସଭାରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବିଦାୟୀ ଛାତ୍ରଛାତ୍ରୀମାନଙ୍କୁ ସ୍ନେହବୋଳା ବାର୍ତା ଦେଇଥିବା ବେଳେ ସେମାନଙ୍କୁ ଖାତା, କଲମ, ପେନସିଲ ଆଦି ପ୍ରଦାନ କରିଛନ୍ତି । ଏହି ଅବସରରେ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, ସ୍କୁଲ କମିଟିର ସଦସ୍ୟମାନେ ଉପସ୍ଥିତ ଥିଲେ ।

ଆଜି ନବ ନିଯୁକ୍ତ ରାଜ୍ୟ ବିଜେପି ସଭାପତିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ଭୁବନେଶ୍ୱର, ୨୫/୦୩ (ନି.ପ୍ର): ରାଷ୍ଟ୍ରୀୟ ସଭାପତି ଜେ.ପି.ନଡ୍ଡା ଓଡ଼ିଶାରେ ରାଜ୍ୟ ସଭାପତି ଭାବେ ପୂର୍ବତନ ମନ୍ତ୍ରୀ ତଥା ପୂର୍ବତନ ସାଂସଦ ମନମୋହନ ସାମଲଙ୍କୁ ନିଯୁକ୍ତି ଦେଇଛନ୍ତି । ଏହି ଅବସରରେ ଆସନ୍ତାକାଲି (ରବିବାର) ଅପରାହ୍ନରେ ରାଜ୍ୟ କାର୍ଯ୍ୟାଳୟରେ ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଏହି କାର୍ଯ୍ୟକ୍ରମରେ ସମସ୍ତ ନେତୃବୃନ୍ଦ ଏବଂ କାର୍ଯ୍ୟକର୍ତାମାନେ ଉପସ୍ଥିତ ରହିବେ ।

ନିତ୍ୟାନନ୍ଦ ସରସ୍ୱତୀ ଶିଶୁ ମନ୍ଦିରର ବର୍ଷିକ ଉତ୍ସବ

ଲଙ୍ଗଳେଶ୍ୱର, ୨୫/୦୩ (ନି.ପ୍ର): ବାଲିଆପାଳ ବ୍ଲକ ଅନ୍ତର୍ଗତ ନୂଆଗାଁ ନିତ୍ୟାନନ୍ଦ ସରସ୍ୱତୀ ଶିଶୁ ମନ୍ଦିର ର ବର୍ଷିକୀ ଉତ୍ସବ ଆଜି ଅନୁଷ୍ଠିତ ହୋଇଯାଇଛି । ପପ୍ରାକ୍ତନ ଶିକ୍ଷକ ପ୍ରମଥ ଜେନାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏଉ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବାଲିଆପାଳ ତହସିଲଦାର ଦୀପକ କୁମାର ଦାସ ଯୋଗଦେଇ ଗୁଣାତ୍ମକ ଶିକ୍ଷା ବାବଦରେ କହିବା ସହିତ ଶିଶୁ ମନ୍ଦିରରେ ଦିଆଯାଉଥିବା ଶିକ୍ଷା ସମେତ ସଂସ୍କାର ବାବଦରେ ଭୁୟସୀ ପ୍ରଶଂସା କରିଥିଲେ । ମୁଖ୍ୟ ବକ୍ତା ଭାବେ କୃଷ୍ଣଚନ୍ଦ୍ର ପିପିଲି ମହାବିଦ୍ୟାଳୟର ଓଡ଼ିଆ ଅଧାପକ ଦୟାନିଧି ସାହୁ ଯୋଗ ଦେବା ସହିତ ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ ପ୍ରଧାନ ଶିକ୍ଷକ ଧୀରେନ୍ଦ୍ର ହାଜିରା, ବାଲେଶ୍ୱର ସିଦ୍ଧି ବିନାୟକ ଶିକ୍ଷାନୁଷ୍ଠାନ ର ମୁଖ୍ୟ ସୁଧାଂଶୁ ପଣ୍ଡା, ନାରାୟଣ ପଣ୍ଡା, ସାମ୍ବାଦିକ ରବିରଞ୍ଜନ ତ୍ରିପାଠୀ, ସମିତି ସଦସ୍ୟ ଶାନ୍ତନୁ ମହାପାତ୍ର, ସ୍ଥାନୀୟ ସରପଞ୍ଚ ଙ୍କ ପ୍ରତିନିଧି ପ୍ରଶାନ୍ତ ଦାସ, ପୂର୍ବତନ ସରପଞ୍ଚ ନିଆସି ଗିରି, ପ୍ରଦୀପ୍ତ ଦାସ, ଗୋବିନ୍ଦ ବେହେରା, ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଗୁରୁ ପ୍ରଭାକର ବେହେରା ବିବରଣୀ ପାଠ କରିଥିଲେ। ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ନୃତ୍ୟ ସଙ୍ଗୀତ ପରିବେଷଣ କରାଯାଇଥିଲା, ଅତିଥି ମାନଙ୍କ ଦ୍ୱାରା କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା, ଅନୁଷ୍ଠାନର ସମ୍ପାଦକ ରଞ୍ଜନ କୁମାର ବେହେରା ଓ ଗୁରୁ, ଗୁରୁମା ମାନେ ଉତ୍ସବ ପରିଚାଳନା କରିଥିଲେ।

ଆଂଚଳିକ ଶିକ୍ଷା ପ୍ରତିଷ୍ଠାନରେ ଦୁଇ ଦିନିଆ ରାଷ୍ଟ୍ରୀୟ ସେମିନାର ଆଜିଠୁ

ଭୁବନେଶ୍ୱର, ୨୫/୦୩ (ନି.ପ୍ର): ଆସନ୍ତା କାଲି (ରବିବାର) ଠାରୁ ସ୍ୱାବଲମ୍ବୀ ଭାରତ ବିଷୟରେ ଏକ ଦୁଇ ଦିନିଆ ରାଷ୍ଟ୍ରୀୟ ସେମିନାର ଆୟୋଜିତ ହେବ। ଏହି ସେମିନାର ବିକଶାର୍ଥେ ବିଦ୍ୟାର୍ଥୀ ଟ୍ରଷ୍ଟ ଓ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟ ଆନୁକୁଲ୍ୟ ରେ ଭୁବନେଶ୍ୱର ଆଂଚଳିକ ଶିକ୍ଷା ପ୍ରତିଷ୍ଠାନ ଠାରେ ମାର୍ଚ୍ଚ ୨୬ ଓ ୨୭ ଦୁଇ ଦିନ ଅନୁଷ୍ଠିତ ହେବାକୁ ଯାଉଛି। ଶିକ୍ଷା ଜଗତର ବହୁ ବିଶିଷ୍ଟ ଶିକ୍ଷାବିତ୍ ଓ କୋରାପୁଟ ବିଶ୍ୱବିଦ୍ୟାଳୟର କୁଳପତି ଏହି ସେମିନାରରେ ଉପସ୍ଥିତ ରହିବେ।

ହୁଣ୍ଡାଇ 'ଭେରନା କାର'ର ବଜାର ପ୍ରବେଶ

ବାଲେଶ୍ୱର, ୨୫/୦୩ (ନି.ପ୍ର): ବିଶ୍ୱର ଖାତନାମା ୪ଚକିଆ ଯାନ ନିର୍ମାତା 'ହୁଣ୍ଡାଇ ମୋଟର ଇଣ୍ଡିଆ ଲିମିଟେଡ'ର ନୂତନ ମଡେଲ କାର 'ଭେରନା' ଶନିବାର ବାଲେଶ୍ୱରରେ ବଜାର ପ୍ରବେଶ କରିଛି। ବାଲେଶ୍ୱରର ଅଧିକୃତ ବିକ୍ରେତା 'ପ୍ରିମିୟର ହୁଣ୍ଡାଇ' ସୋରୁମରେ ଆୟୋଜିତ ଉତ୍ସବରେ ନୂତନ ମଡେଲ କାର 'ଭେରନା'ର ଶୁଭ ଅନାବରଣ କରାଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ଷ୍ଟେଟବ୍ୟାଙ୍କ ଅଫ ଇଣ୍ଡିଆର ଫକୀର ମୋହନ ଗୋଲେଇ ଶାଖା ପରିଚାଳକ ସବ୍ୟସାଚୀ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଭେରନା କାରକୁ ଅନବାରଣ କରିଥିଲେ। ନୂତନ ଜ୍ଞାନ କୌଶଳରେ ନିର୍ମିତ ଏହି କାର ଗ୍ରାହକଙ୍କ ପାଇଁ ଆରମଦାୟକ ସାବ୍ୟସ୍ତ ହେବା ସହ ଭରପୂର ସୁରକ୍ଷା ପ୍ରଦାନ କରିବ ବୋଲି ସେ କହିଥିଲେ।ଏସବିଆଇ ପ୍ରୁଫ ରୋଡ଼ ଶାଖା ପରିଚାଳକ ଚିନ୍ମୟୀ କର ଓ ମହିନ୍ଦ୍ରା ଫାଇନନ୍ସର ଶାଖା ପରିଚଳକ ଦେବାଷିଷ ଚାଟାର୍ଜୀ ଏଥିରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ନୂତନ ମଡେଲର ଆକର୍ଷଣୀୟ ଭେରନା କାର ଗ୍ରାହକଙ୍କୁ ଆକୃଷ୍ଟ କରିବ ବୋଲି ଆଶା ପ୍ରକାଶ କରିଥିଲେ

ରବିବାର, ମାର୍ଚ୍ଚ ୨୬, ୨୦୨୩

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

ନୀଳଗିରି ୨ଟି ବାର ଏସୋସିଏସନର ନିର୍ବାଚନ ଅନୁଷ୍ଠିତ

ନୀଳଗିରି, ୨୫/୦୩ (ନି.ପ୍ର): ୨୦୨୩-୨୪ ପାଇଁ ନୀଳଗିରି ଉପଖଣ୍ଡ ରେ ଥିବା ୨ଟି ବାର ଏସୋସିଏସନର ବିଭିନ୍ନ ପଦବୀ ପାଇଁ ନିର୍ବାଚନ ଅନୁଷ୍ଠିତ ହୋଇଯାଇଥିବା ବେଳେ ନୀଳଗିରି ଉପଖଣ୍ଡ ବାର ସଂଘର ସମସ୍ତ କର୍ମକର୍ତା ନିଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ନିର୍ବାଚନ ଅଧିକାରୀ ଆଇନଜୀବୀ କାର୍ତିକ କୁମାର ରାଉତ ଘୋଷଣା କରିଛନ୍ତି । ସଭାପତିଭାବେ ଚିତରଂଜନ ଷଡ଼ଙ୍ଗୀ, ଉପସଭାପତି ଭାବେ ଯତୀନ୍ଦ୍ର ନାୟକ ଓ ଖଗେଶ୍ୱର ଜେନା ନିର୍ବାଚିତ ହୋଇଥିବା ବେଳେ ସଂପାଦକ ଭାବେ କିଶୋର କୁମାର ଦାସ , ସହ ସଂପାଦକ ଭାବେ ଜୟନ୍ତ କୁମାର ସ ଓ ସୁରେଶ ଚନ୍ଦ୍ର ବାରିକ ନିର୍ବାଚିତ ହୋଇଛନ୍ତି । ଦେବାନନ୍ଦ ଦାସ କୋଷାଧକ୍ଷ, କାର୍ଯ୍ୟକାରୀ ସଦସ୍ୟ ଭାବେ ଅଶୋକ କୁମାର ବେହେରା, ଗୌରହରି ବେହେରା, କାହ୍ନୁରଂଜନ ବାରିକ, ପ୍ରଭାସ କୁମାର ସ୍ୱାଇଁ, ତନ୍ମୟ କୁମାର ପାତ୍ର ନିର୍ବାଚିତ ହୋଇଛନ୍ତି । ଅନୁରୂପ ଭାବେ ନୀଳଗିରି ବାର ଏସୋସିଏସନର ନିର୍ବାଚନ ଅନୁଷ୍ଠିତ ହୋଇଥିବା ବେଳେ ସଭାପତି ଭାବେ ଅମରେନ୍ଦ୍ର ପଟ୍ଟନାୟକ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦୀ ସମନାଥ ନାୟକଙ୍କୁ ହରାଇ ନିର୍ବାଚିତ ହୋଇଛନ୍ତି । ଉପସଭାପତି ଭାବେ ବସନ୍ତ କୁମାର ମହାନ୍ତି ନିଦ୍ୱନ୍ଦ୍ୱେର ନିର୍ବାଚିତ ହୋଇଥିବା ବେଳେ ସମ୍ପାଦକ ଭାବେ ଦେବେନ୍ଦ୍ର କୁମାର ପଣ୍ଡା ନିଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି । ଯୁଗ୍ମ ସମ୍ପାଦକ ଭାବେ ସୁଶାନ୍ତ କୁମାର ବିଶ୍ୱାଳ ଓ କରୁଣାକର ସ୍ୱାଇଁ ସମାନ ସଂଖ୍ୟକ ଭୋଟ ପାଇଥିବା ବେଳେ ଭାଗ୍ୟଗୋଳାରେ ସୁଶାନ୍ତ କୁମାର ବିଶ୍ୱାଳ ନିର୍ବାଚିତ ହୋଇଛନ୍ତି । କାର୍ଯ୍ୟକାରୀ ସଦସ୍ୟ ଭାବେ ଚିରଞ୍ଜିବ ପାଣିଗ୍ରାହୀ, ମନୋରଂଜନ ଦାସ,ସାନ୍ତନୁ କୁମାର ବିଶ୍ୱାଳ ଓ ସୁରେଶ ଚନ୍ଦ୍ର ବିଶ୍ୱାଳ ନିର୍ଦ୍ଦନ୍ଦ୍ୱରେ ନିର୍ବାଚିତ ହୋଇଥିବା ନିର୍ବାଚନ ଅଧିକାରୀ ସତ୍ୟଜିତ ମିଶ୍ର ସୂଚନା ଦେଇଛନ୍ତି ।

ଶୈଳବାଳା ଦାସଙ୍କ ଜୟନ୍ତୀରେ ଶ୍ରଦ୍ଧାଞ୍ଜଳି ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୫/୦୩ (ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଶିଷ୍ଟ ସମାଜସେବୀ ଜୟନ୍ତୀରେ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି । ସେ ଟ୍ୱିଟ କରି କହିଛନ୍ତି ଯେ ବିଶିଷ୍ଟ ସମାଜସେବୀ ତଥା ନାରୀ ଶିକ୍ଷାର ପ୍ରବକ୍ତା ଶୈଳବାଳା ଦାସଙ୍କ ଜୟନ୍ତୀରେ ମୋର ଶ୍ରଦ୍ଧାଞ୍ଜଳି ଜଣାଉଛି । ରାଜ୍ୟରେ ନାରୀ ଶିକ୍ଷାର ପ୍ରସାର, ନାରୀ ସଶକ୍ତିକରଣ ତଥା ସମାଜ ସଂସ୍କାର କ୍ଷେତ୍ରରେ ତାଙ୍କର ବହୁମୂଲ୍ୟ ଅବଦାନ ସର୍ବଦା ସ୍ମରଣୀୟ ।

କୁରୁଡ଼ା ପଡ଼ିଆରେ ୩ ଦିନିଆ କୃଷି ଜାଗରଣ ମେଳା

ବାଲେଶ୍ୱ, ୨୫/୦୩ (ନି.ପ୍ର): ବାଲେଶ୍ୱର ସହର ଉପକଣ୍ଠ କୁରୁଡା ପଡ଼ିଆରେ ଶନିବାର ଠାରୁ ଆରମ୍ଭ ହୋଇଛି କୃଷି ଜାଗରଣ ମେଳା । କେନ୍ଦ୍ର ମତ୍ସ୍ୟ ପଶୁ ପାଳନ ଓ ଦୁଗ୍ଧ ପପ୍ରାଦନ ମନ୍ତ୍ରୀ ପରଷୋତ୍ତମ ରୂପାଲା ଏହି ମେଳାକୁ ଉଦଘାଟନ ସହ କୃଷି ଓ କୃଷକର ବିକାଶ ନେଇ କେନ୍ଦ୍ର ସରକାରଙ୍କ ପକ୍ଷରୁ କାର୍ଯ୍ୟକାରୀ ବିଭିନ୍ନ ଯୋଜନାର ଉପାଦେୟତା ସମ୍ପର୍କରେ ସୂଚନା ଦେଇଥିଲେ । କେନ୍ଦ୍ର ସରକାରଙ୍କ ପକ୍ଷରୁ ରିଆତି ମୂଲ୍ୟରେ ସମସ୍ତ ପ୍ରକାରର କୃଷି ଉପକରଣ ଓ ସାମଗ୍ରୀ ଯୋଗାଇ ଦିଆଯାଉଥିବା ବେଳେ ବୈଜ୍ଞାନିକ ପଦ୍ଧତିରେ ସମନ୍ୱିତ କୃଷି ପ୍ରତି ଆଗ୍ରହୀ ହେବାକୁ ସେ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ । ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଏଥିରେ ଯୋଗଦେଇ ବୈଜ୍ଞାନିକ ପ୍ରଣାଳୀରେ ଚାଷ କରିବା ସହ ଜିଲାର କୃଷକ ଆର୍ଥିକ ଉନ୍ନତି ପାଇଁ ଏହି ମେଳା ବେଶ ସହାୟକ ହେବ ବୋଲି ସେ ଆଶା ପ୍ରକାଶ କରିଥିଲେ । ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ାଙ୍କ ସମେତ ନାବାର୍ଡ଼ ଓ ବିଭିନ୍ନ ବ୍ୟାଙ୍କର ମୁଖ୍ୟ ଏବଂ ଜିଲାସ୍ତରୀୟ ବିଭିନ୍ନ ବିଭାଗର ଅଧିକାରୀ ଏଥିରେ ଯୋଗଦେଇ ମେଳା ଆୟୋଜନର ଆଭିମୁଖ୍ୟ ଓ କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ଲୋକାଭିମୁଖୀ କୃଷି ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଶହ ଶହ କୃଷକ, ଗୋପାଳକ, ମତ୍ସ୍ୟ ଚାଷୀ, ମତ୍ସ୍ୟ ଶିଳ୍ପୋଦ୍ୟୋଗୀ, କୃଷି ଯନ୍ତ୍ରପାତି ନିର୍ମାତା, ଖାଦ୍ୟ ପ୍ରକ୍ରିୟାକରଣ ଉଦ୍ୟୋଗୀ, କୃଷି ବୈଜ୍ଞାନିକ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର କର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ । ଏଥି ସହିତ ବିଭିନ୍ନ ସମବାୟ ସଂସ୍ଥା, କୃଷକ ଉତ୍ପାଦକ ସଂଗଠନ, ମତ୍ସ୍ୟ ଉତ୍ପାଦକ ସଂଘ, ବ୍ୟବସାୟୀମାନେ ଯୋଗ ଦେଇଥିଲେ । ଏହି ମେଳାରେ ୩ ଦିନଧରି ଉନ୍ନତ ପ୍ରଣାଳୀର ଚାଷ, ସଂରକ୍ଷଣ, ପ୍ରକ୍ରିୟାକରଣ, ବଜାର, ପରିଚାଳନା, ସରକାରୀ ରିଆତି ସୁଯୋଗ ଓ ଅନ୍ୟାନ୍ୟ ବୈଷୟିକ ଜ୍ଞାନ ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ କରାଯିବ ବୋଲି ଆୟୋଜକ କମିଟି ପକ୍ଷରୁ ସୂଚନା ଦିଆଯାଇଛି । ରାଜ୍ୟ ଓ କେନ୍ଦ୍ର ସରକାରଙ୍କର ବିଭିନ୍ନ ବିଭାଗର ଅଧିକାରୀମାନେ ଏଥିରେ ଉପସ୍ଥିତ ରହି କୃଷକମାନଙ୍କୁ ମାର୍ଗଦର୍ଶନ କରାଉଛନ୍ତି ।

ବାଲେଶ୍ୱର ବାର ଆସୋସିଏସନ ନିର୍ବାଚନ : ୧୧୦୯ ଜଣ କଲେ ମତଦାନ

ବାଲେଶ୍ୱର, ୨୫/୦୩ (ନି.ପ୍ର): 'ଓଡ଼ିଶା ବାର କାଉନସିଲ'ର ନିଷ୍ପତ୍ତି ଅନୁସାରେ ରାଜ୍ୟର ସମସ୍ତ ବାର ଆସୋସିଏସନର ନିର୍ବାଚନ ଗୋଟିଏ ଦିନରେ ଶନିବାର ଅନୁଷ୍ଠିତ ହୋଇଛି ।ଏହି କ୍ରମରେ ବାଲେଶ୍ୱର ବାର ଆସୋସିଏସନର ମତଦାନ ସକାଳ ୮ଟାରୁ ଆରମ୍ଭ ହୋଇ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଚାଲିଥିଲା । ନିର୍ବାଚନ ଅଧିକାରୀ ଭାବେ ଦାୟିତ୍ୱ ତୁଲାଇଥିବା ବରିଷ୍ଠ ଆଇନଜୀବୀ କାର୍ତ୍ତିକ ଚନ୍ଦ୍ର ସିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶାନ୍ତିଶୃଙ୍ଖଳାର ସହ ମତଦାନ ଶେଷ ହୋଇଛି । ଏନେଇ ୨ନଂ ବାରରେ ୧୨ ଗୋଟି ବୁଥ ସ୍ଥାପନ କରାଯାଇଥିଲା । ୧୨୯୯ ଭୋଟରଙ୍କ ମଧ୍ୟରୁ ଚଳିତ ନିର୍ବାଚନରେ ମୋଟ ୧୧୦୯ ଜଣ ମତଦାନ କରିଥିବା ଜଣାଯାଇଛି । ଅପରାହ୍ନ ୫ଟାରୁ ଭୋଟ ଗଣତି ଆରମ୍ଭ ହୋଇଥିବା ବେଳେ ବିଳମ୍ବିତ ରାତ୍ରି ହେଲା ମଧ୍ୟ ଗଣତି ଶେଷ ସହ ସଙ୍ଗେ ସଙ୍ଗେ ଫଳାଫଳ ଘୋଷଣା କରାଯିବ ବୋଲି କାର୍ତ୍ତିକ ଚନ୍ଦ୍ର ସି ସୂଚନା ଦେଇଛନ୍ତି । ମତଦାନ ଓ ଭୋଟ ଗଣତି ପ୍ରଭୃତି ନିର୍ବାଚନୀ କାର୍ଯ୍ୟ ପରିଚାଳନାରେ ଆଇନଜୀବୀ ପ୍ରଶାନ୍ତ ପଣ୍ଡା, ସୁଧାଂଶୁ ନାୟକ, ଶଙ୍କର ଜେନା, ଅଭିମନ୍ୟୁ ପାକଳ, ରିମୁ ରଂଜନ ଦାସ ପ୍ରମୁଖଙ୍କ ସମେତ ୧୫ ଜଣ ଓକିଲ ସହଯୋଗ କରୁଛନ୍ତି । ତେବେ ବାର ଆସୋସିଏସନର ପ୍ରତିବର୍ଷ ନିର୍ବାଚନକୁ ନେଇ ଆଇନଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଥିବା ଲକ୍ଷ୍ୟ କରାଯାଇଛି । ବର୍ଷକ ପାଇଁ ନିର୍ବାଚିତ ହେଉଥିବା କର୍ମକର୍ତ୍ତା ଓ କାର୍ଯ୍ୟକାରିଣୀ ସଦସ୍ୟମାନେ କୌଣସି ପ୍ରକଳ୍ପ ବାବଦରେ ନିଷ୍ପତ୍ତି ନେବା ପୂର୍ବରୁ ସେମାନଙ୍କ କାର୍ଯ୍ୟକାଳ ଅବଧି ଶେଷ ହୋଇଯାଉଛି । ଯଦି ବି କୌଣସି ପ୍ରକଳ୍ପ ପାଇଁ ନିଷ୍ପତ୍ତି ନେଲେ, ତହିଁ ଆରବର୍ଷ ନିର୍ବାଚିତ ମଣ୍ଡଳି ସେମାନଙ୍କ ପ୍ରକଳ୍ପ କାର୍ଯ୍ୟକାରୀ କରିବେ କି ନାହିଁ ତାହା ମଧ୍ୟ ସନ୍ଦେହ ଘେରରେ । ଫଳରେ ନିର୍ବାଚନର କୌଣସି ମୂଲ୍ୟ ରହୁ ନଥିବା ବରିଷ୍ଠ ଆଇନଜୀବୀ ଦେବୀ ପ୍ରସାଦ ମହାପାତ୍ର ପ୍ରକାଶ କରିଛନ୍ତି । ପୂର୍ବଭଳି ୩ବର୍ଷକୁ ଥରେ ନିର୍ବାଚନ କରିବା ଉଚିତ ବୋଲି ସେ ମତ ଦେଇଛନ୍ତି । ସେହିଭଳି ପ୍ରତିବର୍ଷ ନିର୍ବାଚନ ହେବା ଦ୍ୱାରା ଏହା ବିଚାର ପକ୍ରିୟାକୁ ପ୍ରଭାବିତ କରୁଛି ବୋଲି ପୂର୍ବତନ ବାଲେଶ୍ୱର ବାର ଆସୋସିଏସନ ସଭାପତି ରଘୁନାଥ ପ୍ରଧାନ କହିଛନ୍ତି । ଏହି ନିୟମର ପରିବର୍ତ୍ତନ ଏକାନ୍ତ ଆବଶ୍ୟକ ହୋଇଥିବା ବେଳେ ଏଥିପ୍ରତି ଓଡ଼ିଶା ବାର କାଉନସିଲ ଦୃଷ୍ଟିଦେବା ଉଚିତ ବୋଲି ସେ ପ୍ରକାଶ କରିଛନ୍ତି ।

ଏନଏସଥେସିଆ ଡାକ୍ତର ନିଯୁକ୍ତି ଦାବି

ସିନିୟର ସିଟିଜେନ ଫୋରମ ପକ୍ଷରୁ ପିଆରଏମ ମେଡିକାଲ କଲେଜ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା

ବାରିପଦା, ୨୫/୦୩ (ନି.ପ୍ର): ଆଜି ମୟୁରଭଞ୍ଜ ସିନିୟର ସିଟିଜେନ ଫୋରମ ପକ୍ଷରୁ ସଭାପତି ଡ଼. ପ୍ରଦୀପ୍ତ କିଶୋର ପଣ୍ଡା, ସମ୍ପାଦକ ଡ଼. ଶ୍ୟାମସୁନ୍ଦର ଦାସ, ଉପସଭାପତି ଡ଼. ଶୁଶାନ୍ତ କୁମାର ପାତ୍ର, ସଭ୍ୟ ବାସନ୍ତିଲତା ମହାପାତ୍ର, କୈବଲ୍ୟ ମହାପାତ୍ର ପ୍ରମୁଖ ପିଆରଏମ ମେଡିକାଲ କଲେଜର ଡିନ ଏବଂ ସୁପରିନଟେଣ୍ଡେଟଙ୍କ ସହ ସାକ୍ଷାତ ଆଲୋଚନା କରି ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜରେ ଆନେସଥେସିଆ ଡାକ୍ତର ନଥିବାରୁ ବିଭିନ୍ନ ସମୟରେ ଦୂରଦୂରାନ୍ତରୁ ଆସୁଥିବା ରୋଗୀ ମାନଙ୍କର ଅପରେସନ ଠିକ ସମୟରେ ହୋଇ ପାରୁ ନାହିଁ । ଫଳରେ ନଥିବାରୁ ରୋଗୀ ମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଏବଂ ହସପିଟାଲରେ ସୁପର ସ୍ପେସିଆଲିଟି ଟାକ୍ତର ନିଯୁକ୍ତ ହୋଇ ନଥିବାରୁ ଜଟିଳ ରୋଗ ଗୁଡିକର ଚିକିତ୍ସା ଏବଂ ଅନୁଶୋଳନ ପାଇଁ ପ୍ରାୟ ରୋଗୀଙ୍କୁ କଟକ ରେଫର କରାଯାଥିବାରୁ ତୁରନ୍ତ ସୁପରସ୍ପେସିଆଲିଷ୍ଟ ଡାକ୍ତର ନିଯୁକ୍ତି ପାଇଁ ମେଡିକାଲ କଲେଜ କତୃପକ୍ଷଙ୍କ ସହ ଆଲୋଚନା କରିବା ସହିତ ଫାଇଭ-ଟି ସେକ୍ରେଟାରୀଙ୍କୁ ମେଲରେ ଏନେଇ ଏକ ଦାବୀପତ୍ର ପଠାଇଥିବାର ଜଣାଯାଇଛି ।

'ମୋ ସ୍କୁଲ ଅଭିଯାନ'ର ୩୯ତମ କାର୍ଯ୍ୟନିର୍ବାହୀ ପରିଷଦ ବୈଠକ

ଭୁବନେଶ୍ୱର, ୨୫/୦୩ (ନି.ପ୍ର): ରାଜ୍ୟର ସମସ୍ତ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଚଳିତ ହେବ 'ସ୍କୁଲ କ୍ଲବ୍' । ସ୍କୁଲ ଛାତ୍ରଛାତ୍ରୀଙ୍କ ପ୍ରତିଭା ଓ ସାମର୍ଥ୍ୟକୁ ବିକଶିତ କରିବା ଉଦ୍ଦେଶ୍ୟରେ ଆସନ୍ତା ୨୦୨୩-୨୪ ଶିକ୍ଷାବର୍ଷଠାରୁ ପ୍ରାରମ୍ଭିକ ପର୍ଯ୍ୟାୟରେ ରୂପାନ୍ତରିତ ବିଦ୍ୟାଳୟମାନଙ୍କ 'ସ୍କୁଲ୍ କ୍ଲବ୍'ର ପ୍ରଚଳନ କରାଯିବ । ଏହି କ୍ଲବଗୁଡ଼ିକର ନାମ ଯଥାକ୍ରମେ ସାହିତ୍ୟ ସୃଜନୀ, ଜିଜ୍ଞାସା, କୌଶଳୀ ଏବଂ କ୍ରୀଡ଼ାଙ୍ଗନ ରଖିବାକୁ ପରାମର୍ଶ ଦିଆଯାଇଛି । ରାଜ୍ୟ ସରକାରଙ୍କ ଦ୍ୱାରା ନୂତନ ଭାବେ ପ୍ରବର୍ତ୍ତିତ ଆକାଂକ୍ଷୀ ପାଠ୍ୟକ୍ରମକୁ ଅଧିକ ପ୍ରସୋହନ ଯୋଗାଇବା ସହ ସେମାନଙ୍କ ବ୍ୟକ୍ତିଗତ ଶିକ୍ଷଣ ଅଭିଜ୍ଞତାକୁ ବିକଶିତ କରିବାରେ ଏହି କ୍ଲବ ବିଶେଷ ସହାୟକ ହେବ । ସ୍କୁଲ କ୍ଲବର ପ୍ରଚଳନ ମାଧ୍ୟମରେ ପିଲାମାନେ କେବଳ ଶ୍ରେଣୀଗୃହରେ ସୀମିତ ନରହି ନିଜ ଆଗ୍ରହ ଅନୁସାରେ ଭବିଷ୍ୟତ ଯୋଜନା କରିବାକୁ ସୁଯୋଗ ପାଇବେ । ପ୍ରତ୍ୟେକ କ୍ଲବ ଛାତ୍ରଛାତ୍ରୀଙ୍କ ଦ୍ୱାରା ପରିଚାଳିତ ହେବା ସହ ସେମାନଙ୍କ କାର୍ଯ୍ୟକଳାପକୁ ସଂଗଠିତ କରିବା ପାଇଁ ମେଂଟର ଦାୟିତ୍ୱରେ ରହିବେ । ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, କ୍ରୀଡ଼ା ବିଭାଗ, ଓଡ଼ିଶା ଜୈବ ବିବିଧତା ବୋର୍ଡ, ଓଡ଼ିଶା ବିଜ୍ଞାନ ଏକାଡେମୀ, ଆଂଚଳିକ ବିଜ୍ଞାନ କେନ୍ଦ୍ର, ଇନ୍‌ଷ୍ଟିଚ୍ୟୁଟ ଅଫ୍ ମ୍ୟାଥ୍‌ମେଟିକ୍ସ, ଇନ୍‌ଟେନ୍ କର୍ପୋରେସନ୍, ୟୁନିସେଫ୍, ଲର୍ଣ୍ଣିଂ ଲିଙ୍କ ଫାଉଣ୍ଡେସନ୍, କ୍ୱେଷ୍ଟ ଆଲାଏନ୍ସ, ରାସବେରୀ ପାଏ ଫାଉଣ୍ଡେସନ୍ ଏବଂ ବ୍ରିଟିଶ୍ କାଉନ୍‌ସିଲ ଆଦି ସଂଗଠନର ସହଯୋଗରେ 'ମୋ ସ୍କୁଲ ଅଭିଯାନ' ସ୍କୁଲ କ୍ଲବର ପ୍ରଚଳିତ କରିବ । ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଶାସନ ସଚିବ ଶ୍ରୀମତୀ ଅଶ୍ୱଥି ଏସ୍.ଙ୍କ ସଭାପତିତ୍ୱରେ ଅନୁଷ୍ଠିତ 'ମୋ ସ୍କୁଲ ଅଭିଯାନ'ର ୩୯ତମ କାର୍ଯ୍ୟନିବାହୀ ବୈଠକରେ କ୍ଲବ ବ୍ୟବସ୍ଥାର ସୁପରିଚାଳନା ସହ ପୁରାତନ ଛାତ୍ରଛାତ୍ରୀଙ୍କ ସହଯୋଗରେ ସମସ୍ତ ପ୍ରାଥମିକ ବିଦ୍ୟାଳୟରେ ଛାତ୍ର କ୍ୟାବିନେଟ୍‌ର ପୁନଃଗଠନ ଉପରେ ଆଲୋଚନା କରାଯାଇଥିଲା । ସ୍କୁଲ କ୍ୟାବିନେଟ୍‌ର ରୂପାନ୍ତରଣ ଦ୍ୱାରା ଶିକ୍ଷାର୍ଥୀ ମାନଙ୍କର ଶିକ୍ଷଣ ପଦ୍ଧତିକୁ ଅଧିକ ବିକଶିତ କରାଯାଇପାରିବ । ଏହା ସହ ପୁରାତନ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଯୋଗାଯୋଗ ଦକ୍ଷତା, ଦାୟିତ୍ୱସଂପନ୍ନ ଓ ଅନ୍ୟାନ୍ୟ ସାମାଜିକ ଦକ୍ଷତା ବୃଦ୍ଧି ଦିଗରେ କାର୍ଯ୍ୟ କରାଯାଇ ପାରିବ ବୋଲି ଏଠାରେ ମତପ୍ରକାଶ ପାଇଥିଲା ।

ଧର୍ମପ୍ରାଣ ମହିଳାଙ୍କ ପରଲୋକ

ବ୍ରହ୍ମପୁର, ୨୫/୦୩ (ନି.ପ୍ର): ଗୋଇଲୁଣ୍ଡି କଲୋନୀ ନିବାସୀ ଧର୍ମପ୍ରାଣ ନୀଳେନ୍ଦ୍ରୀ ସାହୁଙ୍କ(୮୫) ସ୍ୱକୀୟ ବାସଭବନରେ ଗତ ମଙ୍ଗଳବାର ଦିନ ପରଲୋକ ହୋଇଯାଇଛି । ସେ ଜଣେ ସ୍ନେହବତ୍ସଳୀ, ମିଷ୍ଟଭାଷୀ, ଧର୍ମପରାୟଣ ତଥା ଉ ମ ଗୃହିଣୀ ଭାବେ ସବୁରି ପ୍ରିୟ ଥିଲେ । ମୃତ୍ୟୁ ଶଯ୍ୟା ନିକଟରେ ଦୁଇପୁତ୍ର ଗାଳ୍ପିକ କିଶୋର ଆକାଶ ଓ ନିର୍ଦ୍ଦେଶକ ପ୍ରଶାନ୍ତ ସାହୁ, ଦୁଇ ପୁତ୍ର ବଧୂ, ତିନି କନ୍ୟା, ଜ୍ୱାଇଁ ଓ ନାତିନାତୁଣୀମାନେ ଉପସ୍ଥିତ ଥିଲେ । ପୁରୀ ସ୍ୱର୍ଗଦ୍ୱାରଠାରେ ତାଙ୍କ ଶେଷକୃତ୍ୟ ସଂପନ୍ନ କରାଯାଇଛି ।

ସ୍ୱର୍ଣ୍ଣିମ ସୁବର୍ଣ୍ଣରେଖା ଉତ୍ସବର ଚତୁର୍ଥ ସନ୍ଧ୍ୟା

ଲଙ୍ଗଲେଶ୍ୱର, ୨୫/୦୩ (ନି.ପ୍ର): ଧାନ ପାନ ମିନ ଓ ସ୍ୱାଭିମାନ ର ମାଟି ବାଲିଆପାଳ ବୋଲି ନେତାଜୀ ଷ୍ଟାଡିଅମ ରେ ହେଉଥିବା ସ୍ୱର୍ଣ୍ଣିମ ସୁବର୍ଣ୍ଣରେଖା ଉତ୍ସବର ଚତୁର୍ଥ ସନ୍ଧ୍ୟରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବସ୍ତା ଏସ ଡି ପି ଓ ଜଳନ୍ଧର ଜାଲି କହିଛନ୍ତି । ବାଲିଆପାଳ ବିକାଶ ପରିଷଦ ତରଫରୁ ଆୟୋଜିତ ଏଇ ଉତ୍ସବରେ ସ୍ୱାସ୍ଥ୍ୟ ସୁପରଭାଇଜର ତଥା ଗୀତିକାର ରମାନାଥ କରଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏଇ ଉତ୍ସବର ମୁଖ୍ୟ ବକ୍ତା ଭାବେ ଇଞ୍ଜିନିୟର ବିଜୟ କୁମାର ସେଠି ଯୋଗ ଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବେ ସମାଜସେବୀ ସୁମନ୍ତ କୁମାର ଜେନା ଓ ସାମ୍ବାଦିକ ସୁବଲ ଚନ୍ଦ୍ର ଯୋଗ ଦେଇ ବାଲିଆପାଳ ସଂଗ୍ରାମୀ ଓ ଦେବଭୂମି ବୋଲି କହିଥିଲେ ।ଅନୁଷ୍ଠାନ ବରିଷ୍ଠ ସଦସ୍ୟ ସଦାଶିବ ସେଠି ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ନିର୍ମଳ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ପରେ ପରେ ସୁଦୂର ମୁମ୍ବାଇରୁ ଆସିଥିବା ସାଂସ୍କୃତିକ ମେଲୋଡି ପରିବେଷଣ କରାଯାଇଥିଲା । ପ୍ରଖ୍ୟାତ ଗାୟକ ମହମ୍ମଦ ଆଜିଜଙ୍କ ପୁତୁରା ବିଜୟ ଆଜିଜ ଗୀତରେ ଦର୍ଶକ ଝୁମିଥିଲେ । ବଙ୍ଗାଳି ଚଳଚିତ୍ର ନାୟିକା ମଧ ଦର୍ଶକଙ୍କ ମନ ମୋହିଥିଲେ ।

ବିଜୁ ଶିଶୁସୁରକ୍ଷା ଯୋଜନା ଅଧୀନରେ ବୈଷୟିକ ଛାତ୍ର ଛାତ୍ରୀଙ୍କ ପାଇଁ ପରାମର୍ଶ ଶିବିର

ବାରିପଦା, ୨୫/୦୩ (ନି.ପ୍ର): ଆଜି ମୟୁରଭଞ୍ଜ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ତରଫରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଫେସିଲିଟେସନ ସେଂଟର ଠାରେ ବିଜୁ ଶିଶୁ ସୁରକ୍ଷା ଯୋଜନା ଅଧୀନରେ ବୈଷୟିକ ଛାତ୍ର ଛାତ୍ରୀଙ୍କ ପାଇଁ ଏକ ପରାମର୍ଶ ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ବିନୀତ ଭରଦ୍ୱାଜଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ନିୟୋଜନ ଅଧିକାରୀ ଆଶିଷ କୁମାର ବସନ୍ତିଆ, ଓରମାସର ଡେପୁଟି ସିଇଓ ଶ୍ରୀ ବିମାନ ମଲ ଓ ତକତପୁର ଆଇଟିଆଇର ଅଧକ୍ଷ ସୁରେଶ ଚନ୍ଦ୍ର ପାଢ଼ୀ ଯୋଗ ଦେଇଥିଲେ । ବିଜୁ ଶିଶୁ ସୁରକ୍ଷା ଯୋଜନା ଅଧୀନରେ ଆର୍ଥିକ ସହାୟତା ପାଇ ବୈଷୟିକ ତାଲିମ ନେଇଥିବା ପାଖାପାଖି ୫୦ଜଣ ଛାତ୍ରଛାତ୍ରୀ ଙ୍କୁ ଜିଲ୍ଲାପାଳ ଦିଗଦର୍ଶନ ଦେଇ ବର୍ତମାନ ସମୟରେ ବୈଷୟିକ ଜ୍ଞାନର ଅନେକ ଗୁରୁତ୍ୱ ରହିଛି । ତେଣୁ ସମସ୍ତେ ଉତମ ଭାବେ ଶିକ୍ଷା ପ୍ରାପ୍ତ କରିବା ଦ୍ୱାରା ନିଜ ନିଜ ଭବିଷ୍ୟତକୁ ସୁଦୃଢ କରି ପାରିବେ ବୋଲି କହିଥିଲେ । ଏହି ଅବସରରେ ରାଜ୍ୟ ସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା ୨୦୨୨ ରେ କୃତୀ ଶିଶୁ ମାନଙ୍କୁ ମଧ ପୁରସ୍କୃତ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମକୁ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରିଣୀ ଶ୍ରୀମତୀ ମମତାମୟୀ ବିଶ୍ୱାଳ ପରିଚାଳନା କରିଥିବା ବେଳେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ର କର୍ମକର୍ତା ମାନେ ସହାୟତା କରିଥିଲେ ।

ନିଜସ୍ୱ ଅର୍ଥରେ ତିଆରି କଲେ ଯୁବକମାନଙ୍କ ପାଇଁ ଖେଳପଡ଼ିଆ

ନୀଳଗିରି, ୨୫/୦୩ (ନି.ପ୍ର): ନୀଳଗିରିର ଉଦୀୟମାନ ଯୁବକ ତଥା ସମାଜସେବୀ ଶିଶିର ମହାପାତ୍ର ଫାଉଣ୍ଡେସନର ପ୍ରତିଷ୍ଠ